আজি -শনিবার

তারিখ - ০৪ অপ্রেল ২০২৬



ଆଜି -ଶନିବାର

ତାରିଖ - ୦୪ ଅପ୍ରେଲ ୨୦୨୬

ମାସ - ମୀନ, ଦିନ - ୨୧

ତିଥି - ଦ୍ୱିତୀୟା, ପକ୍ଷ-କୃଷ୍ଣ

ନକ୍ଷତ୍ର - ସ୍ୱାତୀ, ତୁଳା ଚନ୍ଦ୍ର

ସୂର୍ଯ୍ୟୋଦୟ - ୫: ୪୧: ୦୦

ସୂର୍ଯ୍ୟାସ୍ତ - ୫ : ୫୮ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 40 ISSUE- 350 R.N.I. REGD. No. 44026/86 ବାଲେଶ୍ୱର ୦୪ ଅପ୍ରେଲ ୨୦୨୬ ଶନିବାର BALASORE 04 APRIL 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅନାହିଁ ।।

- ସ୍ୱାମୀ ବିବେକାନନ୍ଦ

## ଶିକ୍ଷା ଜୀବନକୁ ଶ୍ରେଷ୍ଠ କରିବାର ସଶକ୍ତ ମାଧ୍ୟମ- ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ କହିଛନ୍ତି ଯେ, ଶିକ୍ଷା କେବଳ ଜୀବିକାର ଉପାୟ ନୁହେଁ, ବରଂ ଜୀବନକୁ ଶ୍ରେଷ୍ଠ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ । ସେ କହିଛନ୍ତି ଯେ, ଏହା ଏକ ଏମିତି ଅମୂଲ୍ୟ ସମ୍ପତି, ଯାହାର ଶକ୍ତିରେ ଦେଶର ଯୁବ ଶକ୍ତି ପ୍ରତ୍ୟେକ କ୍ଷେତ୍ରରେ ନୂଆ କୀର୍ତିମାନ ସ୍ଥାପନ କରୁଛନ୍ତି ଏବଂ ଭାରତର ନାମକୁ ଉଜ୍ଜ୍ୱଳ କରୁଛନ୍ତି ।ପ୍ରଧାନମନ୍ତ୍ରୀ ଆଜି ଏକ୍ସରେ ଗୋଟିଏ ସଂସ୍କୃତ ସୁଭାଷିତ ମଧ୍ୟ ସେୟାର କରିଛନ୍ତି— "ଶ୍ରିୟଃ ପ୍ରଦୁଗ୍ଧେ ବିପଦୋ ରୁଣଦ୍ଧି ଯଶାଂସି ସୂତେ ମଲିନଂ ପ୍ରମାର୍ଷ୍ଟି । ସଂସ୍କାରଶୌଚେନ ପରଂ ପୁନୀତେ ଶୁଦ୍ଧା ହି ବୁଦ୍ଧିଃ କିଲ କାମଧେନୁଃ ?" ଏହି ସୁଭାଷିତର ଅର୍ଥ ହେଉଛି ଯେ, ଶୁଦ୍ଧ ଏବଂ ସଂସ୍କାରିତ ବୁଦ୍ଧି ମନୁଷ୍ୟ ପାଇଁ କାମଧେନୁ ସମାନ । ଏପରି ବୁଦ୍ଧି ସମୃଦ୍ଧିକୁ ବଢ଼ାଏ, ବିପଦକୁ ଦୂର କରେ, ଯଶ ଦେଇଥାଏ ଏବଂ ଜୀବନର ଦୋଷ ଓ ମଳିନତାକୁ ମିଟାଏ । ସଂସ୍କାର ଓ ପବିତ୍ରତାରେ ଯୁକ୍ତ ବୁଦ୍ଧି ମନୁଷ୍ୟଙ୍କୁ ସର୍ବୋ□ମ କରେ । ପ୍ରଧାନମନ୍ତ୍ରୀ ଏହି ସୁଭାଷିତ ମାଧ୍ୟମରେ ସନ୍ଦେଶ ଦେଇଛନ୍ତି ଯେ, ଶିକ୍ଷା ଏବଂ ସଂସ୍କାରରେ ଯୁକ୍ତ ବୁଦ୍ଧି ହିଁ ବ୍ୟକ୍ତି ଏବଂ ସମାଜକୁ ଉନ୍ନତିର ପଥରେ ଆଗକୁ ନେଇଯାଏ ।

## ଜନଗଣନା-୨୦୨୭ରେ ସାମିଲ ହେଲେ ଲୋକସଭା ବାଚସ୍ପତି

ନୂଆଦିଲ୍ଲୀ: ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ନୂଆଦିଲ୍ଲୀ ସ୍ଥିତ ନିଜର ସରକାରୀ ବାସଭବନରେ ସ୍ୱ-ଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି । ଏହା ସହ ସେ ଜନଗଣନା- ୨୦୨୭ର ପ୍ରଥମ ପର୍ଯ୍ୟାୟରେ ଅଂଶଗ୍ରହଣ କରିଛନ୍ତି ।ଏହି କାର୍ଯ୍ୟର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଜାତୀୟ ଜନଗଣନା ପ୍ରଶାସନିକ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରୁଛି । ଭାରତର ଇତିହାସରେ ପ୍ରଥମ ଥର ପାଇଁ ସମଗ୍ର ଜନଗଣନା ପ୍ରକ୍ରିୟା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳିତ ହେଉଛି ବୋଲି କହିବା ସହ ଏହି ପ୍ରକ୍ରିୟା ପ୍ରତ୍ୟେକ ନାଗରିକଙ୍କୁ ନିଜର ପରିବାର ବିବରଣୀ ବ୍ୟକ୍ତିଗତ ଭାବେ ଲିପିବଦ୍ଧ କରିବା ପାଇଁ ସୁବିଧା ଓ ଅଧିକାର ପ୍ରଦାନ କରୁଛି ବୋଲି ସେ କହିଛନ୍ତି । ଏହା ଏକ 'ଅତ୍ୟନ୍ତ ସୁରକ୍ଷିତ, ସଠିକ୍ ଏବଂ ସହଜ' ପ୍ରକ୍ରିୟା



ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ବିର୍ଲା ।ଶ୍ରୀ ବିର୍ଲା ଆହୁରି କହିଛନ୍ତି ଯେ, ଡିଜିଟାଲ୍ ଗଣନାକୁ ଏହି ରୂପାନ୍ତରଣ ଭାରତର ବୈଷୟିକ ପ୍ରଗତିର ଏକ ପ୍ରମାଣ, ଯାହା ଜାତୀୟ ତଥ୍ୟକୁ ଅଧିକ ସଠିକ୍ କରିବା ସହ ବାସ୍ତବ ସ୍ଥିତିକୁ ପ୍ରତିଫଳିତ କରିବ ।'ଜନ ଗଣନାରୁ ଜନ କଲ୍ୟାଣ'ର ବିଚରଧାରାକୁ ଦୋହରାଇ ବାଚସ୍ପତି ସମସ୍ତ ନାଗରିକଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ସେମାନେ ନିଜର ବିବରଣୀ ଲିପିବଦ୍ଧ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ଉତ୍ସାହିତ କରିବାକୁ ସେ ଅନୁରୋଧ କରିଛନ୍ତି, ଯାହାଫଳରେ ଏକ 'ସଶକ୍ତ ଏବଂ ସମୃଦ୍ଧ ଭାରତ'ର ମୂଳଦୁଆ ପଡ଼ିପାରିବ । ସ୍ୱ-ଗଣନା ପ୍ରକ୍ରିୟା ସମୟରେ ଭାରତର ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିଶନର ଶ୍ରୀ ମୃତ୍ୟୁଞ୍ଜୟ କୁମାର ନାରାୟଣ ପଞ୍ଜୀକରଣ କାର୍ଯ୍ୟରେ ସହାୟତା ପାଇଁ ଉପସ୍ଥିତ ଥିଲେ ।

## ସ୍ୱ-ଜନଗଣନା ପୋର୍ଟାଲ ମାଧ୍ୟମରେ ନିଜର ତଥ୍ୟ ପ୍ରଦାନ କରନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ଜନ ଗଣନାରେ ସହଯୋଗ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହତାଲିକା-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ବାର୍ତା ଦେଇଛନ୍ତି । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶାସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ।ଏହି କାର୍ଯ୍ୟକ୍ରମରେ, ଏପ୍ରିଲ୍ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜର ମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ



ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି ।ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନ ଗଣନାରେ ସହଯୋଗ କରନ୍ତୁ ବୋଲି ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ।ଏପ୍ରିଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀ ମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ । ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି ।ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ, ତାଙ୍କୁ ସଠିକ ତଥ୍ୟ ପ୍ରଦାନ କରି, ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ ।ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ଅନୁରୋଧ କରୁଛନ୍ତି ମୁଖ୍ୟମନ୍ତ୍ରୀ ।

## ଅଳ୍ପରେ ଖବର

▸▸ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ଦିନାଜପୁର ଜିଲ୍ଲାର ହରିରାମପୁରରେ ଏକ ନିର୍ବାଚନୀ ରାଲିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି

▸▸ ଆସାମ-ମେଘାଳୟ କ୍ୟାଡ଼ର ପୂର୍ବତନ ଆଇପିଏସ ଏବଂ ବିହାର ବିଧାନସଭା ସଦସ୍ୟ ଆନନ୍ଦ ମିଶ୍ର ଆଗାମୀ ଦିନରେ ଆସାମ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ପାଇଁ ବିଭିନ୍ନ ଜିଲ୍ଲାରେ ପହଂଚିବୋ

▸▸ ତାମିଲନାଡୁ ବିଧାନସଭା ନିର୍ବାଚନ ୨୦୨୬କୁ ନେଇ ରାଜନୀତିକ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଛି । ଏହା ମଧ୍ୟରେ ଭାରତୀୟ ଜନତା ପାର୍ଟି(ଭାଜପା) ନିଜ ପ୍ରାର୍ଥୀଙ୍କ ସୂଚୀ ଜାରି କରିଛି । ପାର୍ଟିକୁ ଅଖିଳ ଭାରତୀୟ ଅନ୍ନା ଦ୍ରାବିଡ ମୁନେତ୍ର କଡ଼ଗମ(ଅନ୍ନାଦ୍ରମୁକ)ର ନେତୃତ୍ୱରେ ମେଂଟରେ ୨୭ ସିଟ୍ ମିଳିଛି, ଯାହାଉପରେ ପ୍ରାର୍ଥୀଙ୍କ ନାମ ଘୋଷିତ କରାଯାଇଛି ।

▸▸ ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଟାଟା ଗ୍ରୁପର ନେତୃତ୍ୱରେ ଚାଲୁଥିବା ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଆଜି ଏହି ଅଂଚଳକୁ ଯାତାୟତ ମୋଟ ୩୨ଟି ନିର୍ଦ୍ଧାରିତ ଏବଂ ଅନିର୍ଦ୍ଧାରିତ ଉଡାଣ ଚାଳନା କରିବେ ।

## ଉଜ୍ଜୟିନୀର 'ଦ ମାଷ୍ଟର ଅଫ୍ ଟାଇମ୍' ଆନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଉଜ୍ଜୟିନୀ/ମଧ୍ୟପ୍ରଦେଶ/ଭୁବନେଶ୍ୱର : ପୁରୀ, ଉଜ୍ଜୟିନୀ ଏବଂ କାଶୀ ଭାରତୀୟ ଜ୍ଞାନ ପରମ୍ପରାର ପ୍ରମୁଖ କେନ୍ଦ୍ର, ଯେଉଁଠାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ ବୋଲି ଆଜି ବାବା ମହାକାଳଙ୍କ ପବିତ୍ର ନଗରୀ ଉଜ୍ଜୟିନୀ (ଅବନ୍ତୀକା)ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଏବଂ ଆରଏସଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସୁରେଶ ସୋନୀଙ୍କ ସହ ମିଳିତ ଭାବେ 'ମହାକାଳ: ଦ ମାଷ୍ଟର ଅଫ୍ ଟାଇମ୍' ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ 'ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୬-୨୭'ର ୱେବସାଇଟ୍ ଏବଂ ପୁସ୍ତିକା ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି ଯେ,ଉଜ୍ଜୟିନୀ କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ସମୟ ଗଣନାର ଏକ ପ୍ରମୁଖ କେନ୍ଦ୍ର । ଉଜ୍ଜୟିନୀକୁ ପୁନର୍ବାର 'ଗ୍ଲୋବାଲ୍ ମେରିଡିଆନ୍' ବା ବିଶ୍ୱ ସମୟ ନିର୍ଦ୍ଧାରଣର ମାନକ ଭାବେ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ପ୍ରୟାସ ଆମର ପ୍ରାଚୀନ ବିଜ୍ଞାନକୁ ଆଧୁନିକ ଯୁଗ ସହ ଯୋଡ଼ିବ । ଅପରପକ୍ଷରେ ଜାତୀୟ ଶିକ୍ଷା ନୀତି -୨୦୨୦ ମାଧ୍ୟମରେ ଭାରତ ଆଜି ଟି.ବି ମାକାଉଲେଙ୍କ ପରାଧୀନ ଶିକ୍ଷା ମାନସିକତାରୁ ବାହାରି ନିଜର ମୂଳ ଜ୍ଞାନ ଓ ଭାଷା ସହିତ ଯୋଡ଼ି ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ସ୍ୱାଭିମାନୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ



ମନୋଭାବ ବୃଦ୍ଧି କରିବା ଲକ୍ଷ୍ୟରେ ଏକ 'ଉଜ୍ଜୟିନୀ ସାଇନ୍ସ ସେଂଟର'ର ଲୋକାର୍ପଣ କରିଛନ୍ତି । ଏହି ବିଜ୍ଞାନ କେନ୍ଦ୍ର ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନୂତନ ଅନୁସନ୍ଧାନ ଏବଂ କିଛି ନୂଆ ଜାଣିବାର ଆଗ୍ରହ ବଢ଼ାଇବାରେ ଏକ ବଡ଼ ମାଧ୍ୟମ ହେବ । ଉଜ୍ଜୟିନୀର ଆଧ୍ୟାତ୍ମିକ ପରମ୍ପରା ସହ ଆଧୁନିକ ବିଜ୍ଞାନର ଏହି ମିଳନ ଯୁବପିଢ଼ିଙ୍କୁ ଜ୍ଞାନୀ ଏବଂ ସଂସ୍କାରୀ କରିବ ବୋଲି ସେ କହିଛନ୍ତି । ଗସ୍ତ କାଳରେ ଶ୍ରୀ ପ୍ରଧାନ ଶ୍ରୀ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ କରିବା ସହ ଗୋ-ସେବା କରିଥିଲେ । ଗୋ-ସେବାକୁ ସେ ଭାରତୀୟ ସଂସ୍କୃତିର କରୁଣା ଓ ସଂବେଦନାର ଜୀବନ୍ତ ସ୍ୱରୂପ ବୋଲି ସେ ଅଭିହିତ କରିଛନ୍ତି ।

## ନୂଆଦିଲ୍ଲୀ ରେଳଭବନରେ ବରିଷ୍ଠ ଅଧିକାରୀଙ୍କ ସମୀକ୍ଷା ବୈଠକରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ:କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ରେଳ ଭବନରେ ସାରା ଦେଶର ରେଳ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଗରିବ ଏବଂ ମଧ୍ୟମ ବର୍ଗଙ୍କୁ ଏକ ଉତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଭାରତୀୟ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି । ଏହି ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ । ଶ୍ରୀ ବୈଷ୍ଣବ ମଧ୍ୟ ସମଗ୍ର ରେଳବାଇ ପରିବାରକୁ ଗତବର୍ଷ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ରେଳ ଦୁର୍ଘଟଣାରେ ଐତିହାସିକ ହ୍ରାସ ଏବଂ ରେକର୍ଡ ସଂଖ୍ୟକ ମାଲ ପରିବହନ



ଯୋଗୁଁ ସାରା ଦେଶରେ ଭାରତୀୟ ରେଳବାଇର ଭାବମୂର୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ପର୍ବପର୍ବାଣୀ ସମୟରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନର ପ୍ରଭାବୀ ପରିଚାଳନାକୁ ମଧ୍ୟ ସେ ପ୍ରଶଂସା କରିଥିଲେ, ଯାହା ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଥିଲା । ଯାତ୍ରୀଙ୍କ ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରେଳ ଷ୍ଟେସନଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ଭାରତୀୟ ରେଳବାଇର ଚେହେରା ଏବଂ ଏହାକୁ ସ୍ୱଚ୍ଛ ତଥା ଭଲ ଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ । ସମସ୍ତ ଷ୍ଟେସନରେ ସ୍ୱଚ୍ଛତା ଏବଂ ଉନ୍ନତ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ଗତ ଦଶନ୍ଧି ମଧ୍ୟରେ ରେଳବାଇର ଆଧୁନିକୀକରଣ ପାଇଁ ରେକର୍ଡ ଆବ[ନ ବିଷୟରେ ଉଲ୍ଲେଖ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ରେଳ ଷ୍ଟେସନଗୁଡ଼ିକର ପରିବ□ନ ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଅଧିକାରୀମାନେ ପାଣ୍ଠିର ସର୍ବୋତମ ଉପଯୋଗ ସୁନିଶ୍ଚିତ କରିବା ଆବଶ୍ୟକ ।

## ଆସନ୍ତା ଦୁଇ ଦିନ ଯାଏଁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର : ଆହୁରି ଦୁଇ ଦିନ ଖରା । ଉଷ୍ମ ଆଦ୍ରତା ସ୍ଥିତି ସହ କଲବଲ କରିବ ଗରମ ଗୁଳୁଗୁଳି । ଆସନ୍ତା ୨୪ ଘଂଟାରେ କେତେକ ସ୍ଥାନରେ ୪୦ଡ଼ିଗ୍ରୀ ଯାଏଁ ତାପମାତ୍ରା ମଧ୍ୟ ଛୁଇଁପାରେ । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ ଦକ୍ଷିଣ ପଶ୍ଚିମ ଦିଗରୁ ଗରମ ପବନ ପ୍ରବାହିତ ଫଳରେ ଗରମ ଅନୁଭବ ହେଉଛି ।ଆହୁରି ଦୁଇ ଦିନ ଅସହ୍ୟ ତାତିରେ ସିଝିବେ ଲୋକେ ।



୪ ଜିଲ୍ଲାରେ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ଚେତାବନୀ ଜାରି କଲା ପାଣିପାଗ କେନ୍ଦ୍ର । ଆସନ୍ତା ୨୪ଘଂଟାରେ ଆସ୍ୟ ହେବ ଉଷ୍ମ ଆଦ୍ରତା ସ୍ଥିତି । ବାଲେଶ୍ୱର , ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତିଂହପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର । ଏଥିସହ ବିଜୁଳି ଘଡ଼ ଘଡ଼ି ବର୍ଷା ହେବ । ଘଂଟା ପ୍ରତି ପବନର ବେଗ ୪୦-୫୦କିଲୋମିଟର ଯାଏଁ ରହିବ । ଏ ନେଇ ମୟୂରଭଞ୍ଜ, କେଉଁଝର, କଳାହାଣ୍ଡି, କନ୍ଧମାଳ, ଗଜପତି, ରାୟଗଡ଼ା, କୋରାପୁଟ୍, ମାଲକାନଗିରି, କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହିପରି ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗୀର ଜିଲ୍ଲାରେ ମଧ୍ଯ ବର୍ଷା ସହ ଘଂଟା ପ୍ରତି ପବନର ବେଗ ୩୦-୪୦ କିଲୋମିଟର ରହିବ । ଏ ନେଇ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହିପରି ୪ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ୍ , ମାଲକାନଗିରି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨ ଦିନ ଅସହ୍ୟ ଗରମ ଗୁଳୁଗୁଳି ହେବାକୁ ଥିବାବେଳେ କାଳବୈଶାଖୀ ପ୍ରଭା ୮ତାରିଖ ଯାଏଁ ରହିଛି ।ଆଗାମୀ ୨୪ ଘଂଟାରେ ବର୍ଷାର ସମ୍ଭାବନାକୁ ନେଇ ୨ରୁ ୩ଡିଗ୍ରୀ ତାପମାତ୍ରା କମିବା ସହ ତାତିରୁ ଟିକିଏ ଅସ୍ୱସ୍ତି ମିଳିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଅନ୍ୟପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଦକ୍ଷୀଣ ପଶ୍ଚିମ ଦିଗରୁ ପବନ ବହୁଛି ଫଳରେ ଖରାର ପ୍ରକୋପ ସକାଳୁ ଅନୁଭୂତ ହେଉଛି । ତେବେ ଦୁଇ ଦିନ ପରେ ତାତିର ପ୍ରକୋପ କମିବ । ୧୧ରୁ ପୁଣି ଅଧିକ ତାପମାତ୍ରା ବୃଦ୍ଧି ହେବା ନେଇ ସୂଚନା ଦେଇଛି ପାଣିପାଗ କେନ୍ଦ୍ର । ଅନ୍ୟପଟେ କାଳବୈଶାଖୀ ପ୍ରକୋପ ଉପକୂଳ ସମେତ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ଅନୁଭୂତ ହୋଇପାରେ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ । ଗତ ୨୪ଘଂଟାରେ ଝାରସୁଗୁଡ଼ାରେ ୪୦.୬ ଡ଼ିଗ୍ରୀ ସେଲସିୟସ ରେକର୍ଡ଼ ହୋଇଛି ।

## ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିରେ ଫ୍ୟାସନ ଶୋ ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଆୟୋଜିତ

ଭୁବନେଶ୍ୱର : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନ ଅର୍ଥାତ୍ ଏପ୍ରିଲ ୨ ଓ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯାଉଛି ।ଶୁକ୍ରବାର 'ଆମ ପୋଷାକ ଆମ ପରିଚୟ' ଦିବସ ପାଳନ ଅବସରରେ ବରଗଡ଼ ଜିଲ୍ଲା ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିରେ ଫ୍ୟାସନ ଶୋ ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।ଆଜିର କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଓ ସମ୍ବଲପୁରୀ ପୋଷାକ ପ୍ରଦର୍ଶନୀ ଆୟୋଜିତ ହେବା ସହ ଫ୍ୟାସନ୍



ଶୋ ରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଓଡ଼ିଶାର ହସ୍ତତନ୍ତର ସ୍ୱତନ୍ତ୍ରତା ଓ ବୟନ ଅସ୍ମିତାକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରିଥିଲେ ।'ଓଡ଼ିଆ ପାରମ୍ପରିକ ପୋଷାକକୁ ବିଶ୍ୱବିଦିତ କରିବା ସହ ନିଜର ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବାର ଲକ୍ଷ୍ୟ ନେଇ ପାରମ୍ପରିକ ପୋଷାକ ପ୍ରଦର୍ଶନୀ ଓ ଫ୍ୟାସନ ଶୋ ର ଆୟୋଜନ କରାଯାଇଛି । ଆମ ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ଆମ ପରିଚୟ ଏବଂ ଏହାକୁ ନେଇ ଆମେ ଗର୍ବିତ', ବୋଲି ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଥିଲେ ।ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକା, ଉତ୍କଳିକା, ରେଶମ ଓଡ଼ିଶା ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ଶତକଡ଼ା ୨୦+୧୦ ଭାଗ ରିହାତି ପ୍ରଦାନ କରାଯାଉଛି, ଯାହାକି ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି । ହସ୍ତତନ୍ତ ପୋଷାକ କିଣିବା ପାଇଁ ଲୋକମାନେ ଦୋକାନରେ ଭିଡ଼ ଜମାଉଛନ୍ତି । ହସ୍ତତନ୍ତ ପୋଷାକ ପିନ୍ଧି ଫଟୋ ଉଠାଇବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନରେ ବହୁ ସଂଖ୍ୟାରେ ଲୋକମାନେ ପାରମ୍ପରିକ ପୋଷାକ ପରିଧାନ କରି ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ୱେବ୍ସାଇଟରେ ଅପଲୋଡ଼ କରିଛନ୍ତି । ଏଥିସହ ଓଡ଼ିଆ ପକ୍ଷ ୱେବ୍ସାଇଟରୁ ନିଜର ଡ଼ିଜିଟାଲ ସାର୍ଟିଫିକେଟ ମଧ୍ୟ ଡ଼ାଉନଲୋଡ଼ କରିଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତାକାଲି ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିନ ଅର୍ଥାତ୍ ଏପ୍ରିଲ ୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ'ର ଆୟୋଜନ କରାଯିବ ।



# ବାଲେଶ୍ୱର ଜିଲ୍ଲାପାଳ ପ୍ରଦାନ କଲେ ୨୦୨୭ ଜନଗଣନା ପାଇଁ ସ୍ୱୟଂକ୍ରିୟ ଗଣନା ପୋର୍ଟାଲ ବ୍ୟବହାର ସମ୍ବନ୍ଧୀୟ ସୂଚନା

ବାଲେଶ୍ୱର(ନି.ପ୍ର.): ଜନଗଣନା ୨୦୨୭ ପାଇଁ ପ୍ରସ୍ତୁତି ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ସମସ୍ତ ଜିଲ୍ଲାବାସୀଙ୍କୁ ସ୍ୱୟଂକ୍ରିୟ ଗଣନା (ଝରକ୍ଷଲ ରଭଙ୍କଙ୍କରକ୍ସବ-ଖ୍ସକ୍ଟଭ) ପୋର୍ଟାଲରେ ନିଜର ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ଆଜି ନିବେଦନ କରିଛନ୍ତି ।ଏହି ସ୍ୱୟଂକ୍ରିୟ ଜନଗଣନା ପ୍ରକ୍ରିୟା ଅପ୍ରେଲ ୧ ରୁ ଅପ୍ରେଲ ୧୫ ମଧ୍ୟରାତ୍ର ପର୍ଯ୍ୟନ୍ତ se.census.gov.in ପୋର୍ଟାଲରେ ଉପଲବ୍ଧ ରହିବ । ଜିଲ୍ଲାବାସୀ ନିଜ ଘରେ ବସି ସହଜରେ ଏହି ପୋର୍ଟାଲ ମାଧ୍ୟମରେ ପରିବାର ସମ୍ବନ୍ଧୀୟ ତଥ୍ୟ ଅନଲାଇନରେ ଭରି ପାରିବେ ।ଜନଗଣନା



ଭାରତର ଉନ୍ନତି ଓ ଯୋଜନାମୂଳକ ପ୍ରଗତି ପାଇଁ ଏକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଆବଶ୍ୟକ ପ୍ରକ୍ରିୟା । ଏହା ଦ୍ୱାରା ସରକାର ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରିପାରେ ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶକୁ ଦ୍ରୁତ କରିପାରେ । ଏହି ପରିପ୍ରେକ୍ଷୀରେ, ସମସ୍ତ ଜିଲ୍ଲାବାସୀ ଏହି ସ୍ୱୟଂକ୍ରିୟ ଗଣନା ପୋର୍ଟାଲର ସୁବିଧା ନେଇ ନିଜର ସଠିକ ତଥ୍ୟ ଦାଖଲ କରି ଜନଗଣନା ୨୦୨୭କୁ ସଫଳ କରିବାରେ ସହଯୋଗ କରନ୍ତୁ । ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ବନ୍ଧୁମିଳନ ସଭା

ବାଲେଶ୍ୱର,(ନି.ପ୍ର.): ଦୀର୍ଘ ୧୮ବର୍ଷ ପରେ ଓଡ଼ିଶାରେ ସରକାରୀ କର୍ମଚାରୀ ସଂଘର ପ୍ରାଣକେନ୍ଦ୍ର ବାଲେଶ୍ୱରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ଏକ ବନ୍ଧୁମିଳନ ସଭା ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସୋନପୁର, ସମ୍ବଲପୁର, ଢେଙ୍କାନାଳ, ଗଞ୍ଜାମ, ପୁରୀ, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଅନୁଗୁଳ, କଳାହାଣ୍ଡି, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭାଗରୁ ଅବସର ନେଇଥିବା କର୍ମଚାରୀ ନେତାମାନେ ଏହି ବନ୍ଧୁମିଳନ ସଭାରେ ସାମିଲ ହୋଇଥିଲେ । ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ଉକ୍ତ ବନ୍ଧୁମିଳନ ସଭାରେ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଦୀପ କୁମାର ଚାଟାର୍ଜୀ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଅତିଥିଭାବେ ସଦାଶିବ ମିଶ୍ର, ପ୍ରଭାସ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ । ଏତଦ୍‌ଭିନ୍ନ ବିଭିନ୍ନ ଜିଲ୍ଲାରୁ ଆସିଥିବା ନେତୃତ୍ୱମାନେ ସଂଘର ଆଭିମୁଖ୍ୟ ଓ ଏହାର ଭବିଷ୍ୟତ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଂପାଦକ ଗଗନ ବିହାରୀ ରାଉତ ଉପସ୍ଥିତମାନଙ୍କୁ ଶୁଭେଚ୍ଛା ଜଣାଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଲୋଚନାରେ ସର୍ବଶ୍ରୀ ରୂପକେଶରୀ ଦଳାଇ, ପ୍ରସନ୍ନ କୁମାର ତ୍ରିପାଠୀ, ଜ୍ଞାନରଞ୍ଜନ ଦାଶ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଚି□ରଞ୍ଜନ ତରାସିଆ, ରବୀନ୍ଦ୍ର ପ୍ରଧାନ, ନାରାୟଣ ଦାସ, ଅଜିତ୍ ନାୟକ, ଅସିତ୍ ବରଣ ସ୍ୱାଇଁ, ସୋମନାଥ ନାୟକ, ସର୍ବେଶ୍ୱର ମିଶ୍ର, ଅରୁଣ ବଳିଆର ସିଂହ, ଦିଲ୍ଲୀପ କୁମାର ରଥ, ଦେବି ଦାସ ଆଚାର୍ଯ୍ୟ, ସୁନନ୍ଦ କାନୁନ୍‌ଗୋ, ଗୌରାଙ୍ଗ ପାଣିଗ୍ରାହୀ, ବରେନ୍ ପାତ୍ର ଓ ବିଜୟଲକ୍ଷ୍ମୀ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୨୦୧୩ ମସିହା ପୂର୍ବରୁ ଅବସର ନେଇଥିବା କର୍ମଚାରୀମାନେ ସରକାରଙ୍କ ଦ୍ୱାରା ପ୍ରଦ□ ଆରଏସିପି ଏବଂ ଏମ୍‌ଏସିପି ନ ପାଇବା ଦ୍ୱାରା ପେନସନ୍‌ର୍ସଙ୍କ ମଧ୍ୟରେ ଆର୍ଥିକ ଅସଙ୍ଗତି ରହିବା ଦ୍ୱାରା ବହୁ କର୍ମଚାରୀ ମାସିକ ପେନସନ୍ କମ୍ ପାଉଛନ୍ତି । ଏହି ଅସଙ୍ଗତି ଦୂର କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି । ୨୦୦୯ ପରେ ଅବସର ନେଇଥିବା



କର୍ମଚାରୀମାନେ କମୁଟେଡ୍ ପେନସନ୍ ରାଜ୍ୟ ସରକାରଙ୍କୁ ୧୨ ବର୍ଷ ପରିବ□ ୧୫ବର୍ଷ ପର୍ଯ୍ୟନ୍ତ ପରିଶୋଧ କରିବାଦ୍ୱାରା ପେନସନ୍‌ଭୋଗୀ ପ୍ରାୟ ୩ବର୍ଷର ଅଧିକ ଅର୍ଥ ପ୍ରଦାନ କରିଛନ୍ତି । ଯଦିଓ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ପରେ ବି ରାଜ୍ୟ ସରକାର କର୍ମଚାରୀମାନଙ୍କଠାରୁ କାଟି ନେଇଥିବା ଅର୍ଥ ଫେରସ୍ତ କରୁନାହାନ୍ତି । ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରାରେ ଦିଆଯାଉଥିବା ରିହାତିର ପୁନଃ ପ୍ରଚଳନ ଓ ୬୦ବର୍ଷରୁ ୭୦ ବର୍ଷ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସରକାରୀ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ଦାବି କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ହିମାଂଶୁ ଦାସ, ଶ୍ୟାମସୁନ୍ଦର ଜେନା, ମନୋରଞ୍ଜନ ଦାସ, ଜ୍ଞାନରଞ୍ଜନ ସେଠୀ, ଲକ୍ଷ୍ମୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ । ସଂଗଠନର କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱରରେ ପାଳିତ ହେଲା ପ୍ରଶାନ୍ତ ଦାସଙ୍କ 'ଜରି ଗୋଟାଇବା ଝିଅ'ର ୨୮ତମ ଜନ୍ମଦିନ

ବାଲେଶ୍ୱର(ନି.ପ୍ର.) : ବିଶ୍ୱର ଦୁଃଖୀ ଓ ନିଷ୍ପେସିତ ସାଧାରଣ ମଣିଷଙ୍କୁ ସମର୍ପିତ ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ଜରି ଗୋଟାଇବା ଝିଅ'ର ୨୮ତମ ଜନ୍ମୋତ୍ସବ ଏକ କବିତାମୟ ପରିବେଶରେ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଭାଷାରେ ଅନୁବାଦିତ ହୋଇଥିବା 'ଜରି ଗୋଟାଇବା ଝିଅ' ପୁସ୍ତକର କବିତାକୁ ଅତିଥି ଓ ପାଠକମାନେ ପାଠ କରି ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲେ ।ଉକ୍ତ ଜନ୍ମୋତ୍ସବକୁ 'ଜରି ଗୋଟାଇବା ଝିଅ'ର ସଂସ୍କୃତ ଅନୁବାଦକ 'ଜରି ସଂଗ୍ରାହିକା ବାଲା'ରୁ ଏକ କବିତା 'କାର୍ଯ୍ୟା ଇପ୍ ?ସିତା'କୁ ପାଠ କରିଥିଲେ । ଏହି ଆସରକୁ ଅନୁବାଦକ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଉଦ୍ ?ଘାଟନ କରିବା ସହ ପୁସ୍ତକ ବିଷୟରେ ନିଜର ଭାବଗର୍ଭକ



ବକ୍ତବ୍ୟ ରଖିଥିଲେ ।ଅତିଥି ଭାବେ ବୈଷ୍ଣି ସ୍ୱାଇଁ 'ଜରି ଗୋଟାଇବା ଝିଅ'ର ହିନ୍ଦୀ ଅନୁବାଦ ପୁସ୍ତକ 'ଜରି ଚୁନ୍ ?ନେ ବାଲୀ ଲଡ଼କି'ର ଏକ କବିତା 'କବି ହୁଁ ମେଁ' ଓ ଇଂରାଜୀ ଅନୁବାଦ 'ପୋଲିସ୍କାର୍ପ ପିଙ୍କି ଗାର୍ଲ' ପୁସ୍ତକରୁ ଏକ କବିତା 'ଦି ମେଡ୍ ସର୍ଭେଂଟ୍'କୁ ରୁବିତା ନାୟକ ପାଠ କରିବା ସହ ନିଜ ନିଜର କଥା ରଖିଥିଲେ ।ଅନ୍ୟତମ ବକ୍ତା ଭାବେ ଗାୟତ୍ରୀ ଆଚାର୍ଯ୍ୟ ଯୋଗଦାନ କରି 'ଜରି ଗୋଟାଇବା ଝିଅ' ପୁସ୍ତକରୁ ଏକ କବିତା 'ଝିଅର ନାମ ଆଶା' ପାଠ କରିବା ସହ ନିଜ ବକ୍ତବ୍ୟରେ ରେ କହିଲେ ଯେ ଲେଖକର ବ୍ୟକ୍ତିଗତ ଜୀବନ ତା'ର ସର୍ଜନାକୁ ପ୍ରଭାବିତ କରିଥାଏ ଓ ଲେଖକଟି ନିଜ ନିଜ ଅନୁଭବର କଥା କବିତାରେ ଲେଖି ଦେଇଥାଏ । ଉତ୍ସବରେ 'ଜରି ଗୋଟାଇବା ଝିଅ'ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କମିଟିର ସଂପାଦକ ରାଜେଶ ଗିରି ପୌରୋହିତ୍ୟ କରିଥିଲେ । ପ୍ରଥମେ ଲେଖକ କବି ଶ୍ରୀ ପ୍ରଶାନ୍ତ ଦାସ ନିଜ କବିତା ପଛରେ ଥିବା ବାସ୍ତବତାକୁ ଅବତାରଣା କରିଥିବା ବେଳେ ବିପ୍ଲବ ଦାସ ମହାପାତ୍ର ସ୍ୱାଗତ କଥା ରଖିଥିଲେ । ରୌପ୍ୟଜୟନ୍ତୀ ବର୍ଷ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ 'ସମାଜ, ସାହିତ୍ୟ ଶ୍ରଦ୍ଧା ଓ ସମ୍ବେଦନଶୀଳତା' ଶୀର୍ଷକ ଆଲୋଚନା ଚକ୍ର ୧୫ଟି ଆୟୋଜିତ ହୋଇ ସାରିଥିବା ବେଳେ ଚଳିତବର୍ଷ ଆଉ ୧୦ଟି ଆୟୋଜନ ହେବ ଓ ରୌପ୍ୟ ଜୟନ୍ତୀ ଉତ୍ସର ସମାପନ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା ।ଉତ୍ସବରେ ଅଂଶଗ୍ରହଣ କରି ପ୍ରେୟସୀ ମହାପାତ୍ର, ନନ୍ଦିତା ନାୟକ, ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁପ୍ରଭା ଦଳେଇ, ଅମରଜିତ ଦାସ, ସୁକୁମାର ଘୋଷ, ରଂଜନା ଘୋଷ, ଅନୁପ ଦାସ ପ୍ରମୁଖ ନିଜ ନିଜର କଥା ରଖିଥିଲେ ।ଶେଷରେ ପ୍ରତି ଉତ୍ସବ ଭଳି ଅଭିଜିତ୍ ମହାପାତ୍ର ଓ ରାଜେଶ ଗିରି ମିଳିତ ଭାବେ ଉପସ୍ଥିତ ଅତିଥିଙ୍କ ଗହଣରେ 'ଜରି ଗୋଟାଇବା ଝିଅ'ର ଜନ୍ମଦିନ କେକ୍ କାଟିଥିଲେ ଓ ସନ୍ତୋଷ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ଦିବସ ଅବସରରେ ଏୟାର ଫୋର୍ସ ଏସୋସିଏସନ୍ ଓଡିଶା ପକ୍ଷରୁ ଆୟୋଜିତ ହେଲା ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର, (ନି.ପ୍ର.): ଉତ୍କଳ ଦିବସ ଅବସରରେ ଏୟାର ଫୋର୍ସ ଏସୋସିଏସନ୍ (ଇଏଇ) ଓଡିଶା ପକ୍ଷରୁ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱରର ଗୌତମ ନଗରସ୍ଥିତ ଗ୍ରାଣ୍ଡ୍ ଗ୍ୟାଲାକ୍ସି ମଣ୍ଡପରେ ଅନୁଷ୍ଠିତ ହୋଇଥିଲା ।ଏହି ରକ୍ତଦାନ ଶିବିରରେ ଏୟାର ଭେଟେରାନ୍ସ, ନଂ ୧ ଓଡିଶା ଏୟାର ସ୍କ୍ୱାଡ୍ରନ୍ ଏନସିସି କ୍ୟାଡେଟ୍ସ, ଆଇଟି ପ୍ରୋଫେସନାଲ୍ସ ଓ ବିଭିନ୍ନ ସେବାମୂଳକ ସଂଗଠନ (ଏନଜିଓ)ର ସଦସ୍ୟମାନେ ଉତ୍ସାହର ସହ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ରକ୍ତ ସଂଗ୍ରହ ପ୍ରକ୍ରିୟାକୁ କ୍ୟାପିଟାଲ୍



ହସ୍ପିଟାଲ୍, ଭୁବନେଶ୍ୱରର ଚିକିତ୍ସକ ଓ ପାରାମେଡିକାଲ୍ ଟିମ୍ ସୁଚାରୁ ଭାବରେ ପରିଚାଳନା କରିଥିଲେ ।ଏହା ସହିତ, କର୍ ଭିଜନ୍ ଆଇ ହସ୍ପିଟାଲ୍ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଅନେକ ଲୋକ ଲାଭାନ୍ୱିତ ହୋଇଥିଲେ । ଆବଶ୍ୟକ ଲୋକଙ୍କୁ ମାଗଣାରେ ପଢ଼ିବା ଚଷମା ମଧ୍ୟ ବଂଟନ କରାଯାଇଥିଲା ।କାର୍ଯ୍ୟକ୍ରମଟିର ସୁଚାରୁ ପରିଚାଳନାରେ ଏୟାର ଫୋର୍ସ ଏସୋସିଏସନ୍ ଓଡିଶାର 'ସାଙ୍ଗିନୀ' (ମହିଳା ଶାଖା) ଓ ଏୟାର ଭେଟେରାନ୍ସ ମାନେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଇ ଉଲ୍ଲେଖନୀୟ ଭୂମିକା ନିଭାଇଥିଲେ । ଏହି ସମାଜସେବାମୂଳକ ପଦକ୍ଷେପ ମାଧ୍ୟମରେ ସମାଜରେ ରକ୍ତଦାନ ପ୍ରତି ସଚେତନତା ବୃଦ୍ଧି ପାଇଥିବା ସହ ଲୋକମାନଙ୍କୁ ସେବାମୂଳକ କାର୍ଯ୍ୟରେ ଆଗୁଆ ହେବାକୁ ପ୍ରେରଣା ମିଳିପାରିଛି ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି ।

# ଶ୍ରମକୋଡ୍‌କୁ ବିରୋଧ କରି ଶ୍ରମିକମାନଙ୍କ ବିକ୍ଷୋଭ ସମାବେଶ



ବାଲେଶ୍ୱର,(ନି.ପ୍ର.): କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ଶ୍ରମ ଆଇନ୍‌ଗୁଡ଼ିକୁ ସଂଶୋଧନ କରି ସଂପ୍ରତି ୪ଟି ଶ୍ରମକୋଡ୍ ଲାଗୁ କରିଛନ୍ତି । ଏହି କୋଡ୍‌କୁ ବିରୋଧ କରି ଗତ ୨୦୨୦ ମସିହାରୁ ସମଗ୍ର ଦେଶରେ ସମସ୍ତ କେନ୍ଦ୍ରୀୟ ଶମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନେ ମିଳିତ ଭାବେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରି ଆସୁଛନ୍ତି । ଗତ ଫେବ୍ରୁଆରୀ ୧୨ ତାରିଖ ଦିନ ଶ୍ରମଜୀବୀମାନେ ଭାରତବନ୍ଦ ଆହ୍ୱାନ ଦେଇଥିଲେ ।

ଗୁରୁବାର ଦିନ ପୂର୍ବାହ୍ନରେ ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଘମାନେ ବାଲେଶ୍ୱର ଜିଲ୍ଲା ଶ୍ରମଦପ୍ତ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଭିଜନାଲ୍ ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଶ୍ରମକୋଡ୍‌କୁ ବାତିଲ କରିବା ପାଇଁ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧିକୁ ବିରୋଧ କରାଯାଇଛି । ଏହି ବିକ୍ଷୋଭ ସମାବେଶରେ ରାଜକିଶୋର ଲେଙ୍କା ଅଧ୍ୟକ୍ଷତା କରିଥିଲେ । ଟ୍ରେଡ୍ ୟୁନିୟନ୍‌ମାନଙ୍କ ମିଳିତ ମ□ର ସାଧାରଣ ସଂପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥିତମାନଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏହି ୪ଟି କୋଡ୍ ପ୍ରଣୟନ କରାଯାଇଥିବାର କହିଥିଲେ । ଉକ୍ତ ୪ଟି କୋର୍ଡ଼ ଲାଗୁ କରାଗଲେ ଶ୍ରମିକମାନେ ଦୀର୍ଘବର୍ଷରୁ ଲଢ଼େଇ କରି ହାସଲ କରିଥିବା ଶ୍ରମିକ ସ୍ୱାର୍ଥ ସପକ୍ଷବାଦୀ ଆଇନଗୁଡ଼ିକ ଅକାମି ହୋଇଯିବ । ଫଳରେ ଶ୍ରମିକମାନେ ସେମାନଙ୍କ ଚାକିରିର ନିରାପ□ା ଓ ସାମାଜିକ ସୁରକ୍ଷାରୁ ବ□ିତ ହେବେ । ଏହି ବିକ୍ଷୋଭ ସମାବେଶରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି ଓ ଟିୟୁସିସି, ଏନ୍.ଏ.ପି.ଏମ୍.ର ପ୍ରମୁଖ ନେତାମାନେ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧି ଓ ଜନବିରୋଧୀ ପୁଞ୍ଜିପତି ତୋଷଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ ।

ସର୍ବଶ୍ରୀ ଭାଗବତ ପ୍ରତିହାରୀ, ଅରୁଣ କୁମାର ସ୍ୱାଇଁ, ବାସନ୍ତୀ ସାମଲ, ଶିଶିର ହୁଇ, ଉମାକାନ୍ତ ଦାସ, ଜୀବନ କିଶୋର ବାରିକ, ପିତାମ୍ବରମାଝୀ, ମାୟାଧର ନାୟକ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ନିରାକାର ପାଣ୍ଡବ, କୃଷକନେତା ଅରୁଣ ଜେନା, ରାଜେନ୍ଦ୍ର ବେହେରା, ବିଜୟ କୁମାର ପାତ୍ର, ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମ ସୁନ୍ଦର ଜେନା, ମୃତ୍ୟୁଞ୍ଜୟ ରାଉତ, ପ୍ରେମରଞ୍ଜନ ପାତ୍ର, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସ୍କିମ୍ ୱାର୍କର୍‌ସ୍ ନେତ୍ରୀ ଆରତୀ ଦାସ ମହାପାତ୍ର ପ୍ରମୁଖ ଏହି ସମାବେଶରେ ବକ୍ତବ୍ୟ ଦେଇ ରାଜ୍ୟରେ ଏହି ଶ୍ରମକୋଡ୍‌କୁ କାର୍ଯ୍ୟକାରୀ କରାଇ ଦେବୁନାହିଁ ବୋଲି ବକ୍ତାମାନେ ସରକାରଙ୍କୁ ଚେତାବନୀ ଦେଇଥିଲେ । ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା ସମସ୍ତ ସାଥୀମାନଙ୍କୁ ଶରତ ଚନ୍ଦ୍ର ଦଳାଇ ମିଳିତ ମ□ ପକ୍ଷରୁ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା ଦିବସ ପାଳିତ ଓ ଓଡ଼ିଆ କବିତା ଆସର

ବାଲେଶ୍ୱର(ନି.ପ୍ର.) ଆମ ପରମ୍ପରା ଟ୍ରଷ୍ଟ ଓ ଉତ୍ସର୍ଗ ବୃଦ୍ଧାଶ୍ରମର ମିଳିତ ଆନୁକୂଲ୍ୟରେ ଉତ୍ସର୍ଗ ବୃଦ୍ଧାଶ୍ରମ ଠାରେ ଓଡ଼ିଶା ଦିବସ ଓ ଓଡ଼ିଆ କବିତା ଆସର ସଭାପତି ବିକର୍ତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି. ସମ୍ପାଦକ ମୁରଲୀ ଧର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି,ଶିକ୍ଷକ ଅମରେନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ବେହେରା, କଳ୍ପନା ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ଅଭୟ କୁମାର ପାଣି, ସୁରଭି ପାଣି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସିଂହ, ସ୍ୱର୍ଣ୍ଣଲତା ପଣ୍ଡା, ସୁଲୋଚନା ପାଣ୍ଡିଆ, ସୁନିଲ କୁମାର ଗିରି ଓ ଅନ୍ତେବାସୀ ବରପୁତ୍ରମାନଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ. ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ର ଗୌରବମୟ ଗାଥା କୁ ସ୍ମରଣ



ପୂର୍ବକ 'ବନ୍ଦେ ଉତ୍କଳ ଜନନୀ 'ସଂଗୀତ ଗାନ କରାଯାଇଥିଲା.କେବଳ ଆମ ବରପୁତ୍ର ମାନଙ୍କର ଅବଦାନ ପାଇଁ ଭାଷା ଭିତିରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି ବୋଲି ବକ୍ତାଗଣ ମତ ରଖିଥିଲେ. ଶେଷରେ ସ୍ୱରଚିତ ଓଡ଼ିଆ କବିତା ପଠନ କରାଯାଇଥିଲା । ଅନ୍ତେବାସୀ ମାନେ ଅତି ଆନନ୍ଦରେ କାର୍ଯ୍ୟକ୍ରମକୁ ଉପଭୋଗ କରୁଥିଲେ. ଆଗାମୀ ଏପ୍ରିଲ ଚଉଦ ରେ ଏହିଠାରେ ଓଡ଼ିଆ ନବବର୍ଷ ପାଳନ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା ।

# ପାଳିତ ହେଲା ସାମାଜିକ ଅନୁଷ୍ଠାନ 'ଆମ ସ୍ୱର'ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ

ବାଲେଶ୍ୱର (ନି.ପ୍ର.): ସ୍ଥାନୀୟ ରେମୁଣା ପରିଧି ଭବନରେ ସାମାଜିକ ଅନୁଷ୍ଠାନ 'ଆମ ସ୍ୱର'ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହେଇ ଯାଇଛି । ଏହି ଅବସରରେ 'ଆଜିର ଏହି ପରିବର୍ତିତ ସମାଜକୁ ଆଖି ଆଗରେ ରଖି ପିତା ମାତାଙ୍କ ମତକୁ ଅଗ୍ରାଧିକାର ଦେବେ ନା ନିଜେ ବାଛିବା ଉଚିତ ହେବ ଯୁଗ ଉପଯୋଗୀ କ୍ୟାରିୟର' ଶୀର୍ଷକ ଏକ ବିତର୍କ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ କ୍ୟାରିୟର ଚୟନ ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ଅଂଚଳରୁ ୧୦ ଜଣ ପ୍ରତିଯୋଗୀ ଏହି ବିତର୍କରେ ଭାଗ ନେଇଥିଲେ । ସେମାନେ ହେଲେ ସ୍ୱାତୀ ସୋନାଲି ପରିଡା, ଭାଗ୍ୟଶ୍ରୀ ପାଢ଼ୀ, ଓଁକାର ସ, ରାଜଲକ୍ଷ୍ମୀ ନାୟକ, ଧାର୍ମିକା ତୁଳସୀ ରଣା, ଜୟସ୍ମିତା ପରିଡା, ଅଭିଜିତ ବିଶ୍ୱାଳ, ନିତ୍ୟାନନ୍ଦ ପ୍ରଧାନ, ପ୍ରିୟଦର୍ଶିନୀ ମହାନ୍ତି, ମାନସୁମା ଖାତୁନ ପ୍ରମୁଖ । 'ଆମ ସ୍ୱର' ଅନୁଷ୍ଠାନର ସଂଯୋଜିକା



ତଥା ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳବାଳା ବେହେରା ପ୍ରଥମେ ପ୍ରାକ୍ କଥନ ରଖିଥିବା ବେଳେ ବିଚାରକ ଭାବେ ଅନୁଷ୍ଠାନର ସଂଚାଳିକା ଆର୍କିଟେକ୍ଟ ପ୍ରତ୍ୟାଶା ପାତ୍ର, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ବରିଷ୍ଠ ମନସ୍ତତ୍ୱ ବିଭାଗର ଅଧ୍ୟାପିକା ଡକ୍ଟର ମୋନାଲିକା ରଥ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡକ୍ଟର ମୋନାଲିକା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ପାଇଁ ଆଜିକା ସମୟରେ ମାନସିକ ସ୍ୱାସ୍ଥ୍ୟର ଉପଯୋଗୀତା ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏଲିଜା ପାତ୍ର ଓ ସ୍ନିଗ୍ଧା ରାଣୀ ଦାସ ମଂଚ ପରିଚାଳନା କରିଥିବା ବେଳେ ସ୍ମୃତିପ୍ରଜ୍ଞା ଦାସ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୦ରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ମାନସୁମା ଖାତୁନ ପ୍ରଥମ, ସ୍ୱାତୀ ସୋନାଲି ପରିଡା ଦ୍ୱିତୀୟ, ରାଜଲକ୍ଷ୍ମୀ ନାୟକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । 'ଆମ ସ୍ୱର' ପରିବାରର ରଜନିମଣି ବେହେରା, ଯୋଗେଶ ଚନ୍ଦ୍ର ଦାସ, ଭବେନ୍ଦ୍ର କୁମାର ଦେ, ଗଣେଶ ଚନ୍ଦ୍ର କମିଳା, ନମିତା ପଣ୍ଡା, ଡ଼କ୍ଟର ଯସ୍ମିନ ଦେ, ଡକ୍ଟର ଯଶସ୍ୱୀ ମହାପାତ୍ର, ଡକ୍ଟର ମାନସ ଦେ, ପ୍ରେମରଞ୍ଜନ ପାତ୍ର,ବିରେନ୍ଦ୍ର ପଣ୍ଡା, ଅକ୍ଷୟ ଜେନା, କୃପାସିନ୍ଧୁ ସାନ୍ତରା ପ୍ରମୁଖ ପରିଚାଳନାରେ ସକ୍ରିୟ ଭାଗ ନେଇଥିଲେ ।

# ଅଙ୍ଗଦାନ କରି ଉଦାହରଣ ସାଜିଲେ ସୁଚରିତା ମହାନ୍ତି

ବାରିପଦା(ନି.ପ୍ର.) ପ୍ରାଚୀନ କାଳରୁ ସମାଜରେ ଭୂମିଦାନ, ଗୋ ଦାନ, କନ୍ୟାଦାନ, ଜଳଦାନ ଆଦି ଚଳଣି ରହିଆସିଛି ଓ ଆଧୁନିକ ସମାଜରେ ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ପରେ ରକ୍ତଦାନ ଓ ଅଙ୍ଗଦାନ କରି ଆଜି ଜଣେ ଅନ୍ୟର ଜୀବନ ବଂଚାଇବାର ସୌଭାଗ୍ୟ ଅର୍ଜନ କରିପାରୁଛି ଓ ସେହି ଧାରାରେ ଲେଖିକା, କବି ତଥା ସମାଜସେବୀ ସୁଚରିତା ମହାନ୍ତି ପବିତ୍ର ଓଡିଶା ଦିବସ ଅବସରରେ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଓ ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ, ହୃତପିଣ୍ଡ, ଫୁସଫୁସ ଓ ଦୁଇ ଆଖିର କୋମିଆ ଦାନ କରିଛନ୍ତି ଓ ପ୍ରକାଶ ଥାଉକି ଶ୍ରୀମତୀ ମହାନ୍ତି ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ପୁସ୍ତକ ମଧ୍ୟ ଦାନ କରିଆସୁଛନ୍ତି ଓ ଖବର ପାଇ ଶିକ୍ଷାବିତ ଡଃ କୁମରମଣି ନାୟକ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଭାସ୍ୱତୀ ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ, କବି ତଥା ଶୁଭେଚ୍ଛୁ ତାଙ୍କର ଏହି ଦାନ ପାଇଁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।

# ବହୁବନ୍ଧ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'କନ୍ୟାମ୍ରିକା' ଅନୁଷ୍ଠିତ

ଉଦଳା(ନିପ୍ର) : ସରକାରୀ (ଏସ ଏସ ଡି) ବାଳିକା ଉଚ୍ଚ ବିଦ୍ୟାଳୟ ବହୁବନ୍ଧର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଗତ ବୁଧବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ ମୋହନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ସ୍ୱତନ୍ତ୍ର ଅତିଥି ଭାବରେ ଉଦଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଯତୀନ କୁମାର ମହାକୁଡ଼, ମୁଖ୍ୟ ବକ୍ତା ଭାବରେ ମେଘାସନ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ପ୍ରାଧାପକ ଡ଼. ରମେଶ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମନମୋହନ ମହାପାତ୍ର, ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ । ପ୍ରତିଭା ମଞ୍ଜରୀ ପରିଡ଼ା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଣ୍ଡ୍ରାଏ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଙ୍କ ପରିଚୟ ପ୍ରଦାନ କରି କରିଥଲେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ଚୌଧୁରୀ । ଅତିଥି ମାନଙ୍କ ଦ୍ୱାରା ଉତ୍କଳର ବରେଣ୍ୟ ବର ପୁତ୍ର ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଆଦିଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ସହିତ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନୁଷ୍ଠାନର କନ୍ୟାରତ୍ନମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଛାତ୍ରୀ ମାନେ କିପରି ଅଧ୍ୟୟନ କରିବେ ଓ ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ସହିତ ଦେଶର ନାଁ ରଖି ପାରିବେ ଏବଂ ଶିକ୍ଷାକୁ ଅସ୍ତ୍ର କରି ସଫଳତା ପାଇ ପାରିବେ ସେନେଇ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ସର୍ବାଧିକ କୋଡ଼ିଏ ବର୍ଷ କାଳ ଶିକ୍ଷାଦାନ କରିଥିବା ପୁର୍ବତନ ଶିକ୍ଷୟିତ୍ରୀ ତଥା ବହୁବନ୍ଧ ଆଶ୍ରମ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡ଼ାଙ୍କୁ ବିଦ୍ୟାଳୟ ତରଫରୁ ଉତରୀୟ ସହ ମାନ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଖୋ ଖୋ ପାଇଁ ଓଡ଼ିଶା ଦଳକୁ ସଫଳ କରିଥିବା ରୁ ପ୍ରଧାନ ଶିକ୍ଷକ ବ୍ରଜ ମୋହନ ମାଝିଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଛାତ୍ରୀ ଓ ଅଭିଭାବକ ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହା ପରେ ଅତିଥି ମାନେ କୃତି ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥଲେ । ଶେଷରେ ଶିକ୍ଷୟିତ୍ରୀ ଅନୁରାଧା ବେହେରା ଧନ୍ୟବାଦ ଜ୍ଞାପନ ଅର୍ପଣ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥଲେ ।

# ଇଫକୋ ଡିଏଭି ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ



ପାରାଦ୍ୱୀପ(ନିପ୍ର) : ପାରାଦୀପ ଇଫକୋ ସ୍ଥିତ ଡିଏଭି ବିଦ୍ୟାଳୟ ପରିସରରେ ୯୦ ତମ ଉତ୍କଳ ଦିବସ ମହୋତ୍ସବ ଅପ୍ରେଲ ୧ ତାରିଖ ବୁଧବାର ଦିନ ମହାସମାରୋହରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସଚିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଫକୋ ପାରାଦ୍ୱୀପ ୟୁନିଟର ବ୍ୟକ୍ତିଗତ ଓ ହିସାବ ମୁଖ୍ୟ ପରିଚାଳକ ବିଜୟ କୁମାର ପରିଡା ଓ ଆରତୀ ପରିଡା ଯୋଗଦେଇ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧାମାନଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଓ ପ୍ରଦୀପ ପ୍ରଜ୍ୱଳନପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ଅବସରରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ଶ୍ରୀ ପରିଡା ଓଡିଶାର ଭାଷା ଆନ୍ଦୋଳନର ପୁରୋଧା ମାନଙ୍କ ତ୍ୟାଗ, ସମର୍ପଣ ଭାବନା ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ବିଦ୍ୟଳୟର ଛାତ୍ର ଦେବଜିତ ରାଉତ ପ୍ରାଚୀନ ଗୌରବବାହ ଉତ୍କଳ ଓ ବୀର ସଂଗ୍ରାମୀ, ଭାଷା ପ୍ରେମୀମାନଙ୍କ ଜୀବନୀ ଉପରେ ନିଜର ଆକର୍ଷଣୀୟ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସଚିତ ସୁକୁମାର ଚିନରା ମାତୃଭାଷାର ଆମ ଜୀବନ ଉପରେ ପ୍ରଭାବ ଓ ତାର ଅବଶ୍ୟକତା ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ନନ୍ଦିତା ମହାପାତ୍ର ପ୍ରାଚୀନ ଗୌରବାବହ ଉତ୍କଳର ନାମକରଣ ଓ ଭାଷା ଆନ୍ଦୋଳନ ଉପରେ ନିଜର ବକ୍ତବ୍ୟ ରଖିବା ସହ ବୀର ଭାଷା ଆନ୍ଦୋଳନକାରୀମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମୁହିକ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଆକର୍ଷଣୀୟ ଦୃଶ୍ୟଶ୍ରାବ୍ୟ କାର୍ଯ୍ୟକ୍ରମ ଓ ଭାଷା ପୁରୋଧାମାନଙ୍କ କୌତୁକବେଶ ସମସ୍ତଙ୍କୁ ବେଶ ଆନନ୍ଦ ଦେଇଥିଲା । ସମୟ ସ୍ରୋତରେ ଧୀରେ ଧୀରେ ନିଶ୍ଚିହ୍ନ ହୋଇ ଆସୁଥିବା ପାରମ୍ପାରିକ ପାଲା ଓ ଗୀତଗୋବିନ୍ଦ ଗାନ ମାଧମରେ ଶ୍ରୀମାନ ଅର୍କଜ୍ୟୋତି ପ୍ରଧାନଙ୍କ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ ବେଶ ଉପଭୋଗ୍ୟ ହୋଇଥିଲା । ଶ୍ରେୟାଲିଙ୍କ କଣ୍ଠରେ 'ଛୋଟ ମୋର ଗାଁ ଟି' ସଙ୍ଗୀତ କିଛି ସମୟ ପାଇଁ ଆମ ଗ୍ରାମର ସ୍ମରଣ କରାଇବାରେ ସମର୍ଥ ହୋଇଥିଲା । ସୁଶ୍ରୀ ଯଶସ୍ୱିନୀ , ଆହନ ନିହରାଂଶୁ, ଇକ୍ଷିତା ପ୍ରଧାନ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସୁଶ୍ରୀ ଯଶସ୍ୱିନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜର ମାତୃଭାଷା ପାଇଁ ଗର୍ବ କରିବା ଶିଖାଇଥିଲା । କିଛି ସମୟ ପାଇଁ ମାତୃଭୂମି ଓ ମାତୃଭାଷା ପ୍ରେମରେ ସମସ୍ତେ ବୁଡି ଯାଇଥିଲେ ।

## ତୁରନ୍ତ ସ୍ୱାଭାବିକ ପରିସ୍ଥିତି ସହ ନୂତନ ବ୍ରିଜ ନିର୍ମାଣ ପାଇଁ ଦାବି

ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ଏବଂ ଭବାନୀପାଟଣା ୧୬ ନମ୍ବର୍ ରାଜ୍ୟ ରାଜପଥ ଅବସ୍ଥା ବିପଦ ସଙ୍କୁଳ ଅବସ୍ଥା ରେ ଦୀର୍ଘ ମାସ ଅତିକ୍ରମ କରିଅଛି । ଯାତାୟତ ସମ୍ପୂର୍ଣ୍ଣ ଠପ୍ ପାଲଟିଛି । ଫଳରେ ଜାତୀୟ ରାଜପଥ ୩୫୩ ଏବଂ ଜାତୀୟ ରାଜପଥ ୨୦୧ ସଂଯୋଗ କରୁଥିବା ଏହି ସଡ଼କ ବ୍ୟାପକ ଭାରୀଯାନ ଯାତାୟତ କରୁଥିଲା । ରାୟପୁର ଠାରୁ ଗୋପାଳପୁର ଏବଂ ବିଶାଖାପାଟଣା ପର୍ଯ୍ୟନ୍ତ ସାମଗ୍ରୀ ବୋଝେଇ ନେବା ଆଣିବା ହେଉଥିଲା । ଦୁଇ ଗୋଟି ସମୁଦ୍ର ପଥରୁ ପଡୋଶୀ ଛତିଶଗଡ ରାଜ୍ୟ କୁ ସିଧାସଳଖ ସଂଯୋଗ ହୋଇଥାଏ । କିନ୍ତୁ ଦୀର୍ଘ ଦିନରୁ ନିର୍ମାଣ ଏହି ବ୍ରିଜ୍ ଭାଙ୍ଗିବା ପୂର୍ବରୁ ପ୍ରଶାସନ, ସରକାର ଏବଂ ଗୃହ ଓ ପୂର୍ତ ନିର୍ମାଣ ବିଭାଗ ବ୍ୟୟ ଅଟକଳ ରେ ପ୍ରସ୍ତାବ ଦେବା କଥା । ବର୍ତମାନ ସାମାଜିକ ଉତ୍ସବ ପର୍ବ ପର୍ବାଣୀ, ମାଙ୍ଗଳିକ କାର୍ଯ୍ୟ ମଧ ଯୋଗଦାନ କରିବାରେ ଆଦିବାସୀ ମାନେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି । ସେହିପରି ଏହି ପଥରୁ ଫୋର ୱେ ସଡ଼କ ଘୋଷଣା ହୋଇଥିବା ବେଳେ ବିଜ୍ଞପ୍ତି ଏବଂ ଟେଣ୍ଡର ପ୍ରକ୍ରିୟା ରେ ରହିଅଛି । ତୁରନ୍ତ ଏହି ସଡ଼କ ପଥ କୁ ନିର୍ମାଣ କାର୍ଯ୍ୟ କରିବା ପାଇଁ ଅଂଚଳ ବାସୀ ଦାବି କରିଛନ୍ତି ।

# ଶତାବ୍ଦୀ ବର୍ଷରେ ସଂଘ, ଏପ୍ରିଲ ୫ରେ ପ୍ରବୁଦ୍ଧ ନାଗରିକ ସଂଗୋଷ୍ଠୀ ପାଇଁ ପ୍ରସ୍ତୁତି

ତାଳଚେର(ନିପ୍ର) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ଶତବାର୍ଷିକୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବର୍ଷ ତମାମ ଚାଲୁ ରହିଛି । ପଥ ସଂଚଳନ, ଗୃହ ସମ୍ପର୍କ, ଯୁବା ସମ୍ମିଳନୀ, ହିନ୍ଦୁ ସମ୍ମିଳନୀ, ସାମାଜିକ ସଦଭାବନା ବୈଠକ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବର୍ଷ ତମାମ ଚାଲୁ ରହିଛି । ଶତାବ୍ଦୀ ବର୍ଷରେ ସଂଘ ବିଷୟ ଉପରେ ଏକ ପ୍ରବୁଦ୍ଧ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆସନ୍ତା ଏପିଲ ୫ ତାରିଖରେ ଅନୁଷ୍ଠିତ ହେବ । ତାଳଚେର ଦେଉଳବେଡା ଡିସିଆଇ କ୍ଲବ ଠାରେ ଉକ୍ତ କାର୍ଯ୍ୟକ୍ରମ ସନ୍ଧ୍ୟା ଚାରି ଟାରେ ଅନୁଷ୍ଠିତ ହେବ । ଏଠାରେ ୧୦୦ ବର୍ଷ ରେ ସଂଘ ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ପ୍ରଦର୍ଶନୀ ମଧ ସ୍ଥାନିତ ହେବ । ଉକ୍ତ ସମ୍ମିଳନୀ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ । ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ମେଜର ସୁବ୍ରତ ଦାସଙ୍କ ସଂଯୋଜନା ରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ସମାଜ ର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ତଥା ବୁଦ୍ଧିଜୀବୀ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେବେ । ଉକ୍ତ କାର୍ଯ୍ୟକ୍ରମ ନିମିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ତଥା ବିବିଦ୍ଧ କ୍ଷେତ୍ରର କାର୍ଯ୍ୟକର୍ତା ସମାଜର ବିଭିନ୍ନ ବର୍ଗର ନାଗରିକ ଉକ୍ତ ପ୍ରସ୍ତୁତି ବୈଠକ ରେ ଯୋଗଦେଇ କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସହ ଜିଲ୍ଲା ସଂଘ ଚାଳକ ଗିରିଧାରୀ ଶତପଥି, ଜିଲ୍ଲା କାର୍ଯ୍ୟବାହ ଜ୍ୟୋତିର୍ବିଦ ଅନିଲ ମହାନ୍ତି, ସହ ଜିଲ୍ଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲ୍ଲା ସହ ବ୍ୟବସ୍ଥା ପ୍ରମୁଖ ଅଶୋକ ଲାଲ ଅଗ୍ରୱାଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ନଗର ସଂଘ ଚାଳକ ପ୍ରମୋଦ କୁଣ୍ଡୁ, ନଗର କାର୍ଯ୍ୟବାହ, ସୂର୍ଯ୍ୟକାନ୍ତ ମହାନ୍ତି, କାର୍ଯ୍ୟକ୍ରମ ର ସହ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସଦଭାବନା ପ୍ରମୁଖ ଶ୍ରୀନିବାସ ଖୁଂଟିଆ, ପ୍ରଧାନ ଆଚାର୍ଯ୍ୟ ଗୌରହରୀ ନନ୍ଦ, ସ୍ୱୟଂ ସେବକ ରଂଜିତ ମହାପାତ୍ର, ସନ୍ତୋଷ ସାହୁ, ବାଉରୀ ବନ୍ଧୁ ବେଜ, ଶମ୍ଭୁନାଥ ବେହେରା, ମାନସ ପରିଡା, ବରୁଣ ସାହୁ, ଜଗଦୀଶ ପ୍ରସାଦ ସିଂହ, ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ ,ଜ୍ୟୋତି ଶଙ୍କର ରାୟ, ସୁକାନ୍ତ ରାୟ, ଭରତ ଭୁତିଆ, ଚନ୍ଦନ ପ୍ରଧାନ, ସୁରଭି ସ୍ୱାଇଁ, ମମିତା ବେହେରା, ଡ଼ ଟୁନା ସାହୁ, ଇଂ ଜୟନ୍ତ ମିଶ୍ର, ଅଜୟ ସାହୁ, ବିନ୍ଦା ସିଂହ, ଦିପେନ୍ଦ୍ର ସିଂହଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।



# ୧୭ଗ୍ୟାସ ସିଲିଣ୍ଡର ଜବତ

ପୁରୀ(ନିପ୍ର) : ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଙ୍କ ନିର୍ଦ୍ଦେଶ କ୍ରମେ ଗ୍ୟାସ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି । ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି । ପୁରୀ ପୌରାଂଚଳ, ସଦର ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ ବ୍ଲକ ଓ କୃଷ୍ଣ ପ୍ରସାଦ ବ୍ଲକ ଅଂଚଳରେ ଚଢ଼ାଉ କରାଯାଇ ୧୭ ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ପୂର୍ବରୁ ମଧ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୬ ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ ହୋଇଥିଲା ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଜଳଛତ୍ର ଆରମ୍ଭ

ନୂଆପଡା(ନିପ୍ର) : ଏପ୍ରିଲ ପୂର୍ବରୁ ହିଁ ତାତିର ପ୍ରକୋପ ବଢ଼ିବାରେ ଲାଗିଛି । ଡହ ଡହ ଖରା ସାଙ୍ଗକୁ ଝାଞ୍ଜି ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ଘରୁ ବାହାରିବା ଏକ ପ୍ରକାର କଷ୍ଟ ହୋଇ ପଡ଼ିଛି । ଏଭଳି ସ୍ଥିତିରେ ଥଣ୍ଡା ପାନୀୟର ଆବଶ୍ୟକତା କେବଳ ଖରାରେ ଥିବା ମଣିଷ ସହ ପଶୁପକ୍ଷୀ ହିଁ ବୁଝିପାରିବ । କିନ୍ତୁ ଏମାନଙ୍କ କଷ୍ଟ ଲାଘବ ପାଇଁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଖଡ଼ିଆଳ ସହର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଛକ ମାନଙ୍କ ରେ ଜଳଛତ୍ର ଆରମ୍ଭ କରାଯାଇଛି । ଖଡ଼ିଆଳ ସହରକୁ ପ୍ରତ୍ୟେକ ସମୟରେ ଆସୁଥିବା ଜନସାଧାରଣ, ବାଟୋଇ, ପଥିକ ସମସ୍ତଙ୍କୁ ପାନୀୟ ଜଳର ସୁବିଧା ପାଇଁ ଏହି ଜଳଛତ୍ରର ଆରମ୍ଭ ହୋଇଥିବା କହିଛନ୍ତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା । ଜଳ ଯୋଗାଣ ଯେପରି ସୁରୁଖୁରୁରେ ହେଇପାରିବ ସେ ନେଇ ବିଶେଷ ଧ୍ୟାନ ଦିଆଯାଇଛି । ବିଶେଷ କରି ତହସିଲ ଅଫିସ, ଆହାର କେନ୍ଦ୍ର, ବୋଡ଼େନ ଛକ ରେ ଫ୍ରିଜ ଲଗାଇ ଲୋକଙ୍କୁ ଥଣ୍ଡା ପାନୀୟ ର ବ୍ୟବସ୍ଥା କରାଯାଇଛି । ସେହିଭଳି ସହର ର ଜନଗହଳି ୭ଗୋଟି ସ୍ଥାନରେ ବିଧିବଦ୍ଧ ଭାବରେ ଜଳ ଛତ୍ର ଆରମ୍ଭ ହୋଇଯାଇଛି । ମଣିଷ ସହ କଥା ପଶୁପକ୍ଷୀ ମାନଙ୍କ ପାଇଁ ମଧ ବଡ ବଡ଼ ପାଣି ପାତ୍ର ରଖି ଜଳ ର ବ୍ୟବସ୍ଥା କରାଯାଇଛି ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ତେଣୁ ଖଡ଼ିଆଳ ଏନଏସି କର୍ତୃପକ୍ଷ ଧନ୍ୟବାଦ ର ପାତ୍ର ବୋଲି ଖଡ଼ିଆଳ ସବରେଜିଷ୍ଟର ଅଧିକାରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କାଉନସିଲର ସୁଚିସ୍ମିତା ମହାରଣା, ରେବତୀ ଶବର, ରାଜା ରାଣୀ ପଟ୍ଟନାୟକ, କିରଣ ତାଣ୍ଡି, ସୁନିଲ ସାହୁ, ଲକ୍ଷ୍ମଣ ଦୁରିଆ, ଶକୁନ୍ତଳା ରାଉତ, ଶିବିର ସିଂଦେଓ, ବଜରଙ୍ଗ ଭୋଇ, ଚନ୍ଦନ ସାହୁ, ନରେନ୍ଦ୍ର ଶବର, ବିନତି ହଂସ, ଯୋଷୋଡା ସିନ୍ଦୂର ଓ ରଜ ରଞ୍ଜନ ସାହୁ ସମେତ ଅନେକ ଲୋକ ସାମିଲ ହୋଇ ଥିଲେ ।

# ଓଡ଼ିଶା ଦିବସ ଅବସରରେ ଓଡ଼ିଆ ପକ୍ଷ ୨୦୨୬ ପାଳନର ଶୁଭାରମ୍ଭ

ବାଲିଆପାଳ(ନିପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ବୁଧବାର ପୂର୍ବାହ୍ନ ସାଢ଼େ ଦଶଟା ସମୟର ବ୍ଲକ କାର୍ଯ୍ୟାଳୟ ପରିସର ରେ ଓଡ଼ିଶା ଦିବସ ଅବସରରେ ଓଡ଼ିଆ ପକ୍ଷ ୨୦୨୬ ପାଳନର ଶୁଭାରମ୍ଭ ହୋଇ ଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବ୍ଲକ ପରିସର ରେ ଥିବା ମହାତ୍ମାଗାନ୍ଧୀ ଓ ବିଜୁ ବବୁଙ୍କ ପ୍ରତୀ ମୂର୍ତିରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସର ରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କ ଅଧ୍ୟକ୍ଷତା ଏକ ସଭା ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ ବାଲିଆପାଳ ବ୍ଲକ ଜିପିଓ ପ୍ରିୟବ୍ରତ ଗିରି, ବାଲିଆପାଳ ବ୍ଲକ ଯୋଗଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ବିପିଏମ ଓଏଲଏମ ଉତମ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଓଡ଼ିଶା ଦିବସରୁ ଓଡ଼ିଆ ପକ୍ଷ ୨୦୨୬ ପାଳନ ବିଷୟ ରେ ବକ୍ତବ୍ୟ ପ୍ରଦାନ କରିଥିଲ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ଏମବିକେ ଓ ସିଆରପି ମାନେ ଯୋଗ ଦେଇ ଥିଲେ ।



# ବରୁଣାଇଙ୍କ ହୁଣ୍ଡି ଲୁଟିଲେ ଦୁର୍ବୃତ

ଧାମନଗର(ନିପ୍ର) : ଭଦ୍ରକ-ଆରଡି ରାସ୍ତାର ଅସୁରାଳି ସ୍ଥିତ ବରୁଣାଇ ମନ୍ଦିର ହୁଣ୍ଡି ଚୋରି ହୋଇଛି । ଏହି ଘଟଣାରେ ଶୁକ୍ରବାର ସକାଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି । ସିସିଟିଭି ଫୁଟେଜ ରୁ ଜଣାପଡିଛି ଯେ ରାତି ଗୋଟାଏ ପରେ ଜଣେ ବ୍ୟକ୍ତି ମୁହଁ ଘୋଡେଇ ହୋଇ ଚାଲି ଚାଲି ଆସିବା ପରେ ସ୍ଥାନୀୟ ମନ୍ଦିର ପରିସରରେ ପ୍ରବେଶ କରିଛି ଏବଂ କିଛି ସମୟ ମଧ୍ୟରେ ସେଠାରୁ ବାହାରି ଯାଉଛି ।ଏହି ବ୍ୟକ୍ତି ଠାକୁରାଣୀଙ୍କ ଦାନ ହୁଣ୍ଡି ଚୋରି କରିଥିବା ସନ୍ଦେହ କରାଯାଉଛି । ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଯାଂଚ କରିଛି । ସେହିପରି ଗୁରୁବାର ରାତିର ସମାନ ସମୟରେ ପୁଲିସ କିମ୍ବା ଆମ୍ବୁଲାନ୍ସ ଭଳି ଦିଶୁଥିବା ଏକ ଗାଡ଼ି ଆସି ମନ୍ଦିର ନିକଟରେ କିଛି ସମୟ ପର୍ଯ୍ୟନ୍ତ ଅଟକି ରହିଥିବା ଦେଖିବା ପାଇଁ ମିଳିଛି ।ଗତ କିଛି ମାସ ତଳେ ଦୁର୍ବୃତମାନେ ବରୁଣାଇ ମନ୍ଦିର ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କାର ସୁନା ରୂପା ଅଳଙ୍କାର ଆଦି ନେଇ ଯାଇଥିଲେ । ତେବେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବୈତରଣୀ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ

ଯାଜପୁର(ନିପ୍ର) : ଯାଜପୁର ଜିଲାର ଗୌରବମୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଅସ୍ମିତା ତୃତୀୟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀ ନିବାସର ତତ୍ତ୍ୱବଧାରିକା ଶ୍ରଦ୍ଧାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ର ମହିଳା କର୍ପୋରେଟର ଅଞ୍ଜୁ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି ଛାତ୍ରୀ ମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ମାଷ୍ଟର ସେଫ ଇଣ୍ଡିଆର ଉପବିଜେତା ମଞ୍ଜୁ ଓଝା, ସମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରଞ୍ଜନ କୁମାର ବେହେରା, ଛାତ୍ରୀ ନିବାସର ସହ ତତ୍ତ୍ୱବଧାରିକା ଦେବଶ୍ରୀ ରାୟ ପ୍ରମୁଖ ଯୋଗ ଦେଇ ଆଜିର ମହିଳା ମାନେ କୌଣସି ଗୁଣରେ କମ ନୁହଁନ୍ତି ଏବଂ ସେଥିପାଇଁ ପ୍ରତ୍ୟେକ ମହିଳା ନିଜ ଗୋଡରେ ଛିଡା ହେବାକୁ ଚେଷ୍ଟା କଲେ ନିଶ୍ଚୟ ସଫଳତା ପାଇବେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ମହାବିଦ୍ୟାଳୟ ର ବହୁ ଅଧାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ମନୁଲିପ୍ସା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




**ଦିଲ୍ଲୀ ବିଶ୍ୱବିଦ୍ୟାଳୟ**

**ବିଜ୍ଞାପନ ସଂ. ଆର ଆଣ୍ଡ ପି / ୩୧୫/୨୦୨୬** **ତା୧୨.୦୩.୨୦୨୬**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ **ସେଂଟର ଫର ହିନ୍ଦୁ ଷ୍ଟଡିଜ୍** ରେ ୭ମ କେନ୍ଦ୍ରୀୟ ବେତନ କମିଶନଙ୍କ ପେ ଲେଭୁଲ-୧୩ଏ ଅନୁସାରେ ଆସୋସିଏଟ୍ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଉଦ୍ଦିଷ୍ଟ ଦରଖାସ୍ତ ଆହ୍ୱାନ କରାଯାଉଛି । ଏମ୍ପ୍ଲୟମେଂଟ ନ୍ୟୁଜର ବିଜ୍ଞାପନ ପ୍ରକାଶନର ୨ ସପ୍ତାହ ମଧ୍ୟରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ଅଟେ । ଅଧିକ ଜାଣିବା ପାଇଁ ଦୟାକରି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ www.du.ac.in ଦେଖନ୍ତୁ ଏବଂ "ୱାର୍କ ଉଇଥ ଡିୟୁ" ଅଧିନ "ଜବ୍ସ ଆଣ୍ଡ ଅପରଚ୍ୟୁନିଟିଜ"ରେ କ୍ଲିକ୍ କରନ୍ତୁ ।

**କୌଣସି ଯୁବପତ୍ର / ଶୁଦ୍ଧିପତ୍ର ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଦରଜ କରାଯିବ ।**

cbc 21231/12/0007/2526

ସ୍ୱା/-
କୁଳ ସଚିବ





ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ । ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥ (ଶ୍ରୀମଦ୍ ଭଗବତ୍ ଗୀତା) ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ ସଂଗେ ସଂଗେ ବାଜିଲା ।

## ଭାରତରେ ସାକ୍ଷରତା ଅଭିବୃଦ୍ଧି

ଦେଶରେ ସାକ୍ଷରତା ହାର ନେଇ ନିକଟରେ ପିରିଅଡିକ୍ ଲେବର ଫୋର୍ସ ସର୍ଭେ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଭାରତ ପରି ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ପାଇଁ କେବଳ ଏକ ଭଲ ଖବର ନୁହେଁ, ସନ୍ତୋଷଜନକ ମଧ୍ୟ । ରିପୋର୍ଟରେ କୁହାଯାଇଛି ଯେ, ଜାତୀୟ ସ୍ତରରେ ସାକ୍ଷରତା ହାର ୮୦.୯ ପ୍ରତିଶତକୁ ବୃଦ୍ଧି ପାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୭ବର୍ଷ ବୟସ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସାକ୍ଷରତା ହାର ୮୦.୯ ପ୍ରତିଶତ ହୋଇଥିବାବେଳେ ୫ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱଙ୍କ ସାକ୍ଷରତା ହାର ୭୯.୭ ପ୍ରତିଶତରେ ପହଁଚିଛି । ତେବେ ସାକ୍ଷରତା ହାରରେ ପାହାଡିଆ ରାଜ୍ୟ ମିଜୋରାମ ତାଲିକାର ପ୍ରଥମ ସ୍ଥାନରେ ଥିବାବେଳେ ଗୋଆ ଦ୍ୱିତୀୟ ଏବଂ କେରଳ ତୃତୀୟ ସ୍ଥାନରେ ରହିଛି । ତେବେ ନିଉ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମରେ ମିଜୋରାମ ସମେତ ପାଂଚଟି ରାଜ୍ୟ ଉଲ୍ଲେଖନୀୟ ସଫଳତା ତଥା ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ହାସଲ କରିଛି । ଗୋଆରେ ସାକ୍ଷର ହାର ୯୭ ପ୍ରତିଶତ ଥିବାବେଳେ ଏହା ପଛକୁ କେରଳ, ତ୍ରିପୁରା, ଲାକ୍ଷାଦୀପ ରହିଛି । ତେବେ ଫଣ୍ଡାମେଂଟାଲ ଲିଟେରାସି ଆଣ୍ଡ ନ୍ୟୁମେରାସି ଆସେସ୍‌ମେଂଟ ଟେଷ୍ଟ (ଏଫଏଲଏନଟି)ରେ ତାମିଲନାଡୁର ସଫଳତା ହାର ଶତ ପ୍ରତିଶତ ହୋଇଥିବାବେଳେ ଏହା ପଛକୁ ତ୍ରିପୁରା ରହିଛି । ସେହିପରି ଉଭୟ ଲିଟେରେସି ଏବଂ ଫଙ୍କସନାଲ(କାର୍ଯ୍ୟମୂଳକ) ଶିକ୍ଷାରେ ଦେଶରେ ତ୍ରିପୁରା ପ୍ରଥମ ସ୍ଥାନରେ ରହିଛି । ଯାହାକି ଦୃଢ ନୀତି ଏବଂ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇପାରିଛି । କେବଳ ଏତିକି ନୁହେଁ, ଏହି ସଫଳତା ଜନସାଧାରଣଙ୍କୁ ସଶକ୍ତକରଣରେ ପୂର୍ଣ୍ଣ ସହାୟକ ହେଉଛି ବୋଲି ସ୍ୱୀକାର କରିବାକୁ ହେବ । ସେହିପରି ଏଫଏଲଏନଟିଏ ଫଳାଫଳ ଅନୁଯାୟୀ ଦେଶର ସର୍ବବୃହତ ରାଜ୍ୟ ଉତରପ୍ରଦେଶ ସମେତ ଉତରାଖଣ୍ଡ, ଗୁଜରାଟ, ହିମାଚଳ ପ୍ରଦେଶର ସଫଳତା ହାର ୮୫ ପ୍ରତିଶତ ରହିଥିବା ସତ୍ୱେ କମ୍ ରହିଛି । ଉଲ୍ଲେଖଯୋଗ୍ୟ ଯେ, ହିମାଚଳ ପ୍ରଦେଶ ଖୁବ ସ୍ୱଳ୍ପ ସମୟ ମଧ୍ୟରେ ଉଚ୍ଚ ସାକ୍ଷରତା ହାର ହାସଲ କରିବାରେ ସମର୍ଥ ହୋଇଥିବା ସତ୍ୱେ ଫଣ୍ଡାମେଂଟାଲ ନଲେଜରେ ସନ୍ତୋଷଜନକ ସ୍ତରରେ ପହଁଚିପାରି ନାହିଁ । ଏହା ନିସନ୍ଦେହ ଯେ, ୧୪୪କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶରେ ୮୦.୯ ପ୍ରତିଶତ ସାକ୍ଷରତା ହାରର ଅର୍ଥ ହେଉଛି, ପୂର୍ଣ୍ଣ ସାକ୍ଷରତା ହାର ପାଇଁ ପଥ ବହୁ ଦୂର ରହିଛି । ଏହା ବ୍ୟତୀତ ସାମାଜିକ, ଅର୍ଥନୈତିକ, ଲିଙ୍ଗଗତ ଏବଂ ଆଂଚଳିକ ବିଭିନ୍ନତା ମଧ୍ୟରେ ସଫଳତା ହାରରେ ପ୍ରଭେଦ ସୂଚନା ଦିଏ । ପିରିଅଡିକ୍ ଲେନର ଫୋର୍ସ ସର୍ଭେ(ପିଏଲଏଫଏସ)ର ତଥ୍ୟ ଦର୍ଶାଉଛି ଯେ, ବିହାର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ପରି ରାଜ୍ୟ ଉଭୟ ସାକ୍ଷରତା ଓ ଲିଙ୍ଗଗତ ସାକ୍ଷରତା ହାର ଅତ୍ୟନ୍ତ ଖରାପ ଥିବାବେଳେ ଉଭୟ ମଧ୍ୟରେ ଫରକ ଯଥାକ୍ରମେ ୧୬ପ୍ରତିଶତ ଓ ୨୦ପ୍ରତିଶତ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜାତୀୟ ସ୍ତରରେ ପୁରୁଷ ସାକ୍ଷରତା ହାର ୮୭.୨ ପ୍ରତିଶତ ରହିଥିବାବେଳେ ମହିଳା ସାକ୍ଷରତ ହାର ୭୪.୬ ପ୍ରତିଶତ ରହିଛି । ଯାହାକି ଦେଶବ୍ୟାପୀ ଏକ ବଡ ବିଫଳତା ବୋଲି କୁହାଯାଇପାରେ । ତେବେ ବାଳିକା ମାନେ ସ୍କୁଲରେ ଉତମ ପ୍ରଦର୍ଶନ କରିଥିବା ସତ୍ୱେ ଏବେ ବି ବହୁ ସଂଖ୍ୟାକ ବାଳିକା ସ୍କୁଲ ଯାଉନାହାଁନ୍ତି କିମ୍ବା ସେମାନଙ୍କୁ ଘରେ ଶିକ୍ଷା ଦିଆଯାଉନାହିଁ । ସେମାନେ ଲିଙ୍ଗଗତ ବିଭେଦର ଶୀକାର ହୋଇଥିବା ସ୍ୱୀକାର କରିବାକୁ ହେବ । ତେବେ ଗ୍ରାମାଚଂଳରେ ଏହି ପ୍ରଭେଦ ଅଧିକ ରହିଛି । ଉଦାହରଣ ସ୍ୱରୁପ ରାଜସ୍ଥାନରେ ପୁରୁଷ ସାକ୍ଷରତା ହାର ୮୩.୬ ପ୍ରତିଶତ ଥିବାବେଳେ ମହିଳା ସାକ୍ଷରତା ହାର ମାତ୍ର ୬୧.୮ ପ୍ରତିଶତ ରହିଛି । ଏହା ନିସନ୍ଦେହ ଯେ, ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସାକ୍ଷରତା ହାରରେ ଏଭଳି ବ୍ୟବଧାନ ନିଶ୍ଚିତ ଭାବେ ସାମାଜିକ କୁସଂସ୍କାର ତଥା ଅନ୍ଧବିଶ୍ୱାସର ପ୍ରଭାବ ବୋଲି କୁହାଯାଇପାରେ । ଏହାର ନିରାକରଣ ପାଇଁ ଉଚ୍ଚ ବିକାଶ ଏବଂ ମହିଳା ସଶକ୍ତିକରଣର ଆବଶ୍ୟକତା ରହିଛି । ସେହିପରି ଉତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶ ପରି ରାଜ୍ୟରେ ମଧ ସହରାଚଂଳ ଓ ଗ୍ରାମାଚଂଳ ସାକ୍ଷରତା ହାରରେ ବ୍ୟାପକ ପ୍ରଭେଦ ଥିବା କୁହାଯାଏ । ସେହିପରି ସ୍ୱାକ୍ଷରତାରେ ସର୍ବୋତମ ସଫଳତା ହାସଲ କରିଥିବା ରାଜ୍ୟଗୁଡିକରେ ସହରାଚଂଳ ଗ୍ରାମାଚଂଳ ହାରରେ ନଗଣ୍ୟ ବ୍ୟବଧାନ ଥିବା ସତ୍ୱେ ଏହାର ନିରାକରଣରେ ସଫଳ ହୋଇ ପାରିନାହାଁନ୍ତି । ତ୍ରିପୁରରେ ସ୍ୱାକ୍ଷରତା ହାରରେ ଲିଙ୍ଗଗତ ବ୍ୟବଧାନ ମାତ୍ର ୪ପ୍ରତିଶତ । ଏହା ସ୍ପଷ୍ଟ ଯେ, ସ୍କୁଲ ହେଉ କିମ୍ବା ପୌଢ ଶିକ୍ଷା ଦ୍ୱାରା ହେଉ ସାକ୍ଷରତା ହାର ବୃଦ୍ଧି ଏବେ ବି ଯଥେଷ୍ଟ ନୁହେଁ । ଏହା ସତ୍ୱେ ଭାରତରେ ସାକ୍ଷରତା ହାର ଅଭିବୃଦ୍ଧି ଅଭିମୁଖେ ଅଗ୍ରସର ହେଉଛି, ଏଥିରେ ସନ୍ଦେହ ନାହିଁ ।

# ଗ୍ରୀଷ୍ମ ମୁକାବିଲା ପାଇଁ ସବୁସ୍ତରରେ ଉଦ୍ୟମ

ଚଳିତ ବର୍ଷ ଯେ, ଖରାଦିନେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ, ଏହା ଏବେଠାରୁ ଜଳଜଳ ହୋଇ ଦେଖାଗଲାଣି । ଏହା ନିସନ୍ଦେହ ଯେ, ଆମ ରାଜ୍ୟ ବା ଦେଶରେ ଗ୍ରୀଷ୍ମଋତୁରେ ଅସହ୍ୟ ଗ୍ରୀଷ୍ମପ୍ରବାହ ନୂଆ ନୁହେଁ । ଜଳବାୟୁ ପରିବର୍ତନ ପ୍ରଭାବରେ ଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ହେଲାଣି ଦେଶରେ ଗ୍ରୀଷ୍ମପ୍ରବାହ ଅଧିକରୁ ଅଧିକ ହେବାରେ ଲାଗିଛି । କେବଳ ଏତିକି ନୁହେଁ, ଦେଶର ବହୁଭାଗରେ ବସନ୍ତ ଋତୁର ପ୍ରଭାବ ହ୍ରାସ ପାଉଥିବା ବେଳେ ଗ୍ରୀଷ୍ମଋତୁର ଅବଧି ବଢିବାରେ ଲାଗିଛି । ଗତବର୍ଷ ୨୦୨୩ରେ ଗ୍ରୀଷ୍ମକାଳର ଅବଧି ଜୁନ ମାସ ପର୍ଯ୍ୟନ୍ତ ବଢିବା ଏବଂ ଜୁନ ମଧଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହ ହେବା ଏହାର ଜ୍ୱଳନ୍ତ ଉଦାହରଣ । ଗତ ୨୦୨୨ ମସିହାରେ ଦେଶରେ ମାର୍ଚ୍ଚ ମାସରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିଲା, ଯାହାକି ୧୯୦୧ ମସିହା ପରେ ପ୍ରଥମ ଥିଲା । ଅର୍ଥାତ ୧୯୦୧ ମସିହା ପରଠାରୁ ୨୦୨୨ରେ ମାର୍ଚ୍ଚ ସବୁଠାରୁ ଉତପ୍ତ ଥିଲା । ସେହିପରି ୨୦୨୩ ବିଗତ ଶତାବ୍ଦୀ ମଧ୍ୟରେ ସବୁଠାରୁ ଉତପ୍ତ ଥିଲା ବୋଲି ବିଶ୍ୱର ବହୁ ନାମୀ ପାଣିପାଗ ସଂସ୍ଥା ଆକଳନ କରିଥିବା ବେଳେ ଚଳିତ ବର୍ଷ ତା'ଠାରୁ ଅଧିକ ଗ୍ରୀଷ୍ମପ୍ରବାହ ହେବ ବୋଲି ଚେତାବନୀ ଦେଇଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ମାସ ଦେଶର କେତେକ ଭାଗରେ ସ୍ୱାଭାବିକ ଠାରୁ ଦିନର ତାପମାତ୍ରା ଅଧିକ ରହିଥିବା ଅନୁଭୂତି ହୋଇଛି । ଚଳିତବର୍ଷ ଓଡିଶା ସମେତ ଗୁଜରାଟ, କର୍ଣ୍ଣାଟକ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର ବହୁ ଭାଗ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦ୍ୱାରା ପ୍ରଭାବିତ ହେବା ନେଇ ଆଇଏମଡି ଚେତାବନୀ ଦେଇଛି । ଏହାର ପ୍ରଭାବରେ ଜଳାଭାବ, ପାନୀୟ ଜଳ ସଂକଟ, ଉତ୍କଟ ହେବା ସାଙ୍ଗକୁ ଶୀତ ଦିନିଆ ଶସ୍ୟ ବିଶେଷ କରି ଗହମ ଅମଳ ବିଶେଷ ଭାବରେ ପ୍ରଭାବିତ ହେବ । ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୦ ମସିହାରେ ଦେଶରେ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଉଭାବନ ଧାର୍ଯ୍ୟ ଲକ୍ଷ୍ୟ ପୁରଣ ହୋଇପାରିନଥିଲା । କେବଳ ଏତିକି ନୁହେଁ ଦକ୍ଷୀଣ ଭାରତୀୟ ରାଜ୍ୟ କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁର ସମେତ ବିଭିନ୍ନ ଅଂଚଳରେ ଚଳିତ ବର୍ଷ ପାନୀୟ ଜଳ ସଂକଟ କାହାରିକୁ ଅଛପା ନଥିବ ବୋଧହୁଏ । ଆଗକୁ ଜଳାଭାବ ପରିସ୍ଥିତି ଆହୁରି ସଂଗୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହା ନିସନ୍ଦେହ ଯେ, ବିଶ୍ୱତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତନ ର ପ୍ରଭାବ ଯୋଗୁଁ ବିଶ୍ୱ ଜଳବାୟୁ ଭୟଙ୍କର ହେବାରେ ଲାଗିଛି । ଯାହାର ପ୍ରଭାବରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବାରେ ଲାଗିଛି । ଯାହାର ସିଧାସଳଖ ପ୍ରଭାବ ମଣିଷ, ପ୍ରାଣୀଜଗତ ଏବଂ ଜୀବଜଗତ




ଉପରେ ପଡିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ । ବିଶେଷ କରି ଚଳିତ ବର୍ଷର ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତ ଜନିତ ମୃତ୍ୟୁର ଆଶଙ୍କା ସୃଷ୍ଟି କରିଛି । ୧୯୯୮ ମସିହାରେ ଆମ ରାଜ୍ୟରେ ୩୦୦୦ ରୁ ଅଧିକ ଲୋକଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିଲା । ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶରେ ୧୦,୦୦୦ରୁ ଅଧିକ ଲୋକଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟ କହେ । ଚଳିତ ବର୍ଷ ଅଂଶୁଘାତଜନିତ ମୃତ୍ୟୁର ଯେପରି ପୁନରାବୃତି ଘଟେ, ସେଥିପ୍ରତି ସତର୍କତା ଅବିଳମ୍ବ ଜରୁରୀ ହୋଇପଡିଛି । କହିବା ବାହୁଲ୍ୟ ଯେ, ଚଳିତ ବର୍ଷ ଦେଶରେ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଏପ୍ରିଲରୁ ଜୁନ ମାସ ମଧ୍ୟରେ ହେଉଛି । ନିଦାଘ ଖରାରେ ନିର୍ବାଚନ ପ୍ରଚାର, ସଭାସମିତି, ଶୋଭାଯାତ୍ରା ଅଂଶୁଘାତ ଜନିତ ମୃତ୍ୟୁର ଭୟ ସୃଷ୍ଟି କରିବା ସ୍ୱାଭାବିକ । ଏଥିପ୍ରତି ନିର୍ବାଚନ କମିଶନ, ରାଜନୈତିକ ଦଳ ଏବଂ ପ୍ରଶାସନ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ଉଲ୍ଲେଖଯୋଗ୍ୟ ଯେ, ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଅସହ୍ୟ ଗ୍ରୀଷ୍ମପ୍ରବାହ ଏବଂ ରୌଦ୍ରତାପ ବୃଦ୍ଧି ସତ୍ୱେ ୧୯୯୮ ମସିହା ପରଠାରୁ ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକଯିବା ସମ୍ଭବ ହୋଇଛି । ଓଡିଶା ସରକାର ମଧ ଅଂଶୁଘାତ ମୃତ୍ୟୁକୁ ଏଡାଇବା ଲାଗି ଇତିମଧ୍ୟରେ କେତେକ ଗାଇଡଲାଇନ ଜାରି କରିସାରିଲେଣି । ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କ କାମ ଉପରେ କଟକଣା ଜାରି କରିଥିବାବେଳେ ଜରୁରୀ ନଥିଲେ ଘରୁ ନବାହାରିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଆଶୁ ଚିକିତ୍ସା ପାଇଁ ହସପିଟାଲଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି । କେବଳ ଓଡିଶା ନୁହେଁ, ଦେଶର ସମସ୍ତ ରାଜ୍ୟର ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି । ଏହା ନିଶ୍ଚିତ ଯେ, ବିଶ୍ୱ ଜଳବାୟୁ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି ପ୍ରଭାବରେ ଯେପରି ଗୀଷ୍ମକାଳରେ ଅବଧି ବଢିଚାଲିଛି ଏବଂ ଖରାର ପ୍ରକୋପ ବୃଦ୍ଧିପାଇଛି, ତାହାର ମୁକାବିଲା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ବିଶେଷ କରି ପାନୀୟଜଳ ସଂକଟ ନିୟନ୍ତ୍ରଣ ଏବଂ ମଣିଷ ଓ ପ୍ରାଣୀଜଗତ ଉପରେ ଏହାର ପ୍ରଭାବକୁ ରୋକିବା ପାଇଁ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି । ଆଇଏମଡିର ଚେତାବନୀ ପରେ ସତର୍କତା ଏବଂ ବୈଜ୍ଞାନିକ ଜ୍ଞାନ ଦ୍ୱାରା ଏହାର ମୁକାବିଲା ପାଇଁ ସରକାର ବେଳ ହୁଁ ସାବଧାନ ହେବା ଜରୁରୀ ।

## ସୌନ୍ଦର୍ଯ୍ୟ

# ବିୟୁଟି କେୟାର

*ସବୁ ମହିଳା ଚାହାନ୍ତି ବାସ୍ତବିକତା ଠାରୁ ଟିକେ ଅଧିକ ସୁନ୍ଦରୀ ଦେଖାଯିବା ପାଇଁ । ମାତ୍ର ସବୁବେଳେ ଏହା ସମ୍ଭବ ହୁଏନି । ବ୍ୟସ୍ତତା ଯୋଗୁଁ ନିଜ ତ୍ୱଚାର ଓ ଚେହେରାର ଠିକ୍ ଯତ୍ନ ନେଇ ହୁଅନି । ସୌନ୍ଦର୍ଯ୍ୟର ଉପଚାର କରୁଥିବା ପ୍ରସାଧାନ ବା କସ୍‌ମେଟିକ୍ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି । ବ୍ୟବହାର ପରେ ଏଗୁଡ଼ିକୁ ଯତ୍ନର ସହ ସୁରକ୍ଷିତ ରଖିବା ଉଚିତ । ନଚେତ୍ ଏହା ଖୁବ୍‌ଶୀଘ୍ର ଖରାପ ହୋଇଯିବା ସହିତ ଏହାର ବ୍ୟବହାରରେ ତ୍ୱଚା, ଚକ୍ଷୁ ଆଦି ସଂକ୍ରମଣ ହେବାର ଆଶଙ୍କା ରହିଛି । ଫଳରେ ତ୍ୱଚାରେ ବ୍ରଣ, ବ୍ଲାକ୍ ହେଡ୍‌ସ, ପିଗ୍‌ମେ□ସନ୍ ଆଦି ସମସ୍ୟା ସୃଷ୍ଟି ହୁଏ । ବେଳେବେଳେ ଏହି ସମସ୍ୟାରୁ ମୁକ୍ତି ମଧ ସମ୍ଭବ ହୁଏନି । ଯାହାକୁ କି ଆମ କେବେ ବି ପସନ୍ଦ କରିପାରୁନା । ସବୁବେଳେ ସେଥିରୁ ମୁକ୍ତି ପାଇବାକୁ ଚାହୁଁ । ଉପଯୁକ୍ତ ମେକ୍‌ଅପ୍ ହିଁ ଏସବୁ ସମସ୍ୟାରୁ ମୁକ୍ତି ଦେଇପାରିବ । ଠିକ୍ କେୟାର ଦ୍ୱାରା ଆପଣ ଚେହେରାର ଦୋଷ ତ୍ରୁଟିକୁ ଲୁଚାଇ ପାରିବେ ।*

*ଓଠର ଲିପ୍‌ଷ୍ଟିକ୍:* ଆଖି ପରେ ଚେହେରାର ସବୁଠାରୁ ଆକର୍ଷଣୀୟ ଅଂଶ ଓଠ । ଓଠର ଲିପ୍‌ଷ୍ଟିକ୍ ସମଗ୍ର ଚେହେରାକୁ ବଦଳାଇଦିଏ । ତେଣୁ ଠିକ୍ ଢଙ୍ଗରେ ଲିପ୍‌ଷ୍ଟିକ୍ ଲଗାନ୍ତୁ । ଓଠ ପତଳା ବୋଲି ଲିପ୍‌ଲାଇନର୍‌କୁ ପ୍ରକୃତ ଓଠ ଧାର ଉପରକୁ ଲଗାନ୍ତୁ ନାହିଁ । ବରଂ ଓଠ ପତଳା ଥିଲେ ଏହାକୁ ମୋଟା ଦେଖାଇବା ପାଇଁ ଲିପ୍‌ଷ୍ଟିକ୍ ଉପରେ ଲିପ୍‌ଗ୍ଲସ୍ ଲଗାଇପାରନ୍ତି । ସବୁବେଳେ ନିଜ ତ୍ୱଚାର ରଙ୍ଗ ଓ ପରିବେଶକୁ ଖାପ୍ ଖୁଆଇବା ଭଳି ରଙ୍ଗର ଲିପ୍‌ଷ୍ଟିକ୍ ଲଗାନ୍ତୁ । ନିୟମିତ ବ୍ୟବଧାନରେ ଲିପ୍‌ଷ୍ଟିକ୍ ବଦଳାନ୍ତୁ । ଓଠାରେ କୌଣସି ପ୍ରକାର ସଂକ୍ରମଣ ହୋଇ ଥିଲେ ଲିପ୍‌ଷ୍ଟିକ୍ ଲଗାନ୍ତୁ ନାହିଁ ।

*ପାଉଡର:* ପାଉଡରକୁ ଅତିବେଶୀରେ ୮ମାସରୁ ୧୨ମାସ ମଧ୍ୟରେ ବ୍ୟବହାର କରିବା ଉଚିତ । ଏହା ସିଧାସଳଖ ତ୍ୱଚା ସଂସ୍ପର୍ଶରେ ଆସିଥାଏ । ଫଳରେ ସଂକ୍ରମଣର ଭୟ ଥାଏ । ସେଥିପାଇଁ ସ୍ପଞ୍ଜକୁ ସପ୍ତାହରେ ଅନ୍ତତଃ ଥରେ ବେବି ମାମ୍ପୁ ଓ ନଖ ଉଷୁମ ପାଣିରେ ସଫା କରି ଭଲଭାବେ ଖରାରେ ଶୁଖାଇ ବ୍ୟବହାର କରନ୍ତୁ ।

*ଚମକ ବଢ଼େଇବ ବ୍ଲଶର:* ଫାଉଣ୍ଡେସନ୍ ପରେ ଯଦି ଅନ୍ୟକିଛି ଆମ ତ୍ୱଚାରେ ଚମକ ଆଣେ, ତେବେ ଏହା ହେଉଛି ବ୍ଲଶର । କେବେ ହେଲେ ଖୁବ୍ ଗାଢ଼ ରଙ୍ଗର ବ୍ଲଶର ଲଗାନ୍ତୁ ନାହିଁ କିମ୍ବା ଏହାକୁ ଗାଲରେ ଅଧିକ ସ୍ଥାନ ପର୍ଯ୍ୟନ୍ତ ଲଗାନ୍ତୁ ନାହିଁ । କେବେ ମନେ ନହେଉ ଗାଲରେ ରଙ୍ଗ କରା ଯାଇଛି । ବ୍ଲଶର ନ୍ୟାଚୁରାଲ ଲାଗିଲେ ଚେହେରାର ଶୋଭା ବଢ଼ିବ । ତେଣୁ ହସିବାବେଳେ ଗାଲର ଯେଉଁ ଅଂଶ ଉପରକୁ ଉଠେ ସେହି ସ୍ଥାନରେ ହିଁ ବ୍ଲଶର ଲଗାନ୍ତୁ । ବ୍ଲଶରକୁ ସବୁବେଳେ ତଳୁ ଉପରକୁ ଲଗାନ୍ତୁ । ଶେଷରେ ଏକ ସଫା ବ୍ରଶରେ ଅତିରିକ୍ତ ବ୍ଲଶରକୁ ଝାଡ଼ି ଦିଅନ୍ତୁ ।

*ଚକ୍ଷୁ କସ୍‌ମେଟିକ୍:* ଅନ୍ୟ କସ୍‌ମେଟିକ୍ସଠାରୁ ଚକ୍ଷୁରେ ବ୍ୟବହାର ହେଉଥିବା କସ୍‌ମେଟିକ୍ସ ଅଧିକ ଯତ୍ନ ଆବଶ୍ୟକ କରିଥାଏ । ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମସ୍କରା ଯେମିତି ହେଲେ ଲଗାନ୍ତୁ, ଏହା ଆପଣଙ୍କ ଆଖିକୁ ନୂଆ ଚମକ ଦେବ । ଯଦି ଆପଣଙ୍କ ଆଖି ପତାର କେଶ ପତଳା, ତା'ହେଲେ ମସ୍କରା ଲଗାଇବା ପୂର୍ବରୁ ଏଥିରେ ପ୍ରାଇମର ଲଗାନ୍ତୁ । ପ୍ରାଇମର ଲଗାଇବା ପରେ ନ୍ୟାଚୁରାଲ ଟ୍ରାନ୍ସପାରେ□ ମସ୍କରା ଲଗାନ୍ତୁ । ମସ୍କରା ଲଗାଇବା ପରେ ଆଇଲାଇନ୍‌ର ଆଇସ୍ୟାଡୋ ଆଦି ଲଗାନ୍ତୁ । ଆଇପେନ୍‌ସିଲକୁ ୬/୧୨ମାସ ମଧ୍ୟରେ ବ୍ୟବହାର କରନ୍ତୁ । ଅଧିକ ଗରମ ଫଳରେ ଆଇଶେଡୋ ନରମ ପଡ଼ିଯାଏ । ଏଣୁ ତାହାକୁ ଯତ୍ନର ସହ ଥଣ୍ଡା ସ୍ଥାନରେ ରଖିବା ଉଚିତ ।



*ନିୟମିତ ଯତ୍ନ ବି ଜରୁରୀ:* ସବୁବେଳେ ମନେ ରଖନ୍ତୁ ମେକ୍‌ଅପ୍ ଦ୍ୱାରା ଯେ ଆପଣଙ୍କ ତ୍ୱଚା ଆକର୍ଷଣୀୟ ଦେଖାଯିବ, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଯଦି ଆପଣ ନିଜ ତ୍ୱଚାର ନିୟମିତ ଯତ୍ନ ନେବେ ସାଧାରଣ ମେକ୍‌ଅପ୍‌ରେ ଚେହେରା ଅସାଧାରଣ ଦିଶିବ । ତେଣୁ ନିୟମିତ ଭାବରେ ଫେସିଆଲ, କ୍ଲିନିଜିଙ୍ଗ, ଟୋନିଂ ଏବଂ ମଶ୍ଚରାଇଜିଙ୍ଗ କରାନ୍ତୁ । ନିଜ ତ୍ୱଚା ସହ ଓଠକୁ ମଧ ମଶ୍ଚରାଇଜିଙ୍ଗ କରାନ୍ତୁ ।

*ଦିନର ମେକ୍‌ଅପ୍ ପାଇଁ:* ଦିନରେ ବିଶେଷ ଅବସର ପାଇଁ ଏପରି ମେକ୍‌ଅପ୍ ନିଅନ୍ତୁ, ଯାହା ଆପଣଙ୍କ ଚେହେରାକୁ ସତେଜତା ଦେବ । ସକାଳେ ଅଧିକ ଫାଉଣ୍ଡେସନ୍ କିମ୍ବା କନ୍‌ସିଲର୍ ବ୍ୟବହାର କରନ୍ତୁ ନାହିଁ । ଦିନବେଳେ ଲାଇଟ୍ ଅଏଲଫ୍ରି ଫାଉଣ୍ଡେସନ ଏବଂ ନ୍ୟାଚୁରାଲ କମ୍ପାକ୍ଟ ଆପଣଙ୍କୁ ଚେହେରାରେ ସତେଜତା ଆଣି ଦେବ । ଖୁବ୍ ହାଲ୍‌କା ପେଷ୍ଟାଲ୍ ସେଡର ଆଇସ୍ୟାଡୋ ଓ ନ୍ୟାଚୁରାଲ ସେଡ୍‌ର ଲିପ୍‌ଷ୍ଟିକ୍ ଲଗାନ୍ତୁ । ୱାଟର ପ୍ରୁଫ୍ ମସ୍କରା ଲଗାନ୍ତୁ । ଯଦି ନିହାତି ଆବଶ୍ୟକ ହୁଏ, ତେବେ କାଜଲ ଲଗାନ୍ତୁ, ନଚେତ୍ ମସ୍କରା ଏବଂ ଆଇଲାଇନର ଦିନବେଳାର ଆଖି ମେକ୍‌ଅପ୍ ପାଇଁ ଯଥେଷ୍ଟ । ଦିନବେଳା ମେକ୍‌ଅପ୍‌ରେ ଆପଣ ଷ୍ଟ୍ରବେରୀ ପିଙ୍କ କିମ୍ବା ପିଙ୍କ ରଙ୍ଗର ଯେକୌଣସି ସେଡର୍‌ଲିପ୍‌ଷ୍ଟିକ୍ ଲଗାଇ ପାରିବେ ।

*କିଛି ମେକ୍‌ଅପ୍ କୌଶଳ:* ନାକ ପତଳା ଦେଖାଇବା ପାଇଁ ହାଇଲାଇଟର୍‌କୁ ନାକର ହାଡ଼ରେ ଲମ୍ବାରେ ଲଗାନ୍ତୁ ଏବଂ ଗୋଟିଏ ସେଡ୍ ଗାଢ଼ା ରଙ୍ଗର କନ୍‌ସିଲର ଏହା ସହ ମିଶାନ୍ତୁ । ନାକର ଦୁଇ ପାର୍ଶ୍ୱରେ ତ୍ୱଚାରଙ୍ଗଠାରୁ ଗୋଟିଏ ହାଲ୍‌କା ସେଡ୍‌ର କନ୍‌ସିଲର ଲଗାନ୍ତୁ । ବ୍ରଣ ଲୁଚାଇବା ପାଇଁ ସେ ସ୍ଥାନରେ ତ୍ୱଚା ସହ ମେଳ ଖାଉଥିବା କନ୍‌ସିଲର ଲଗାଇ ଭଲଭାବରେ ମିଶାନ୍ତୁ ।

+++

# ସମାନତା
# ଜନ୍ମଗତ ଅଧିକାର

◆ ଅଧ୍ୟାପକ ଗୋପବନ୍ଧୁ

ସମାନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର । ଏ ଅଧିକାର ତାକୁ ପ୍ରକୃତି ପ୍ରଦାନ କରିଛି । ଜନ୍ମ ଆଧାରରେ କାହାକୁ ଉଚ୍ଚ କିମ୍ବା ନୀଚ କୁହାଯାଇ ପାରିବ ନାହିଁ । ଯେଉଁ ପ୍ରକ୍ରିୟା ମଧ୍ୟଦେଇ ସେ ଜନ୍ମ ନିଏ, ସେଥିରେ କୌଣସି ଅସମାନତା ନାହିଁ, କେବଳ ଲିଙ୍ଗଗତ ଓ ରଙ୍ଗଗତ ପାର୍ଥକକୁ ଛାଡ଼ି । ତାର ଜନ୍ମ ପ୍ରକୃତିର ଏକ ବ୍ୟବସ୍ଥିତ ପ୍ରକ୍ରିୟା ମଧ୍ୟରେ ହୁଏ । ଯେଉଁଥିରେ ଉଚ୍ଚ-ନୀଚରେ ସୋପାନ ନାହିଁ । ମନୁଷ୍ୟର ଜନ୍ମ ମୁକ୍ତ, କିନ୍ତୁ ଜନ୍ମପରେ ସେ ବନ୍ଧନ ଯୁକ୍ତ ହୁଏ । ଜନ୍ମ ହେଲାପରେ ଅନେକ ବନ୍ଧନରେ ସେ ବାନ୍ଧି ହୋଇଯାଏ । ଏ ସମସ୍ତ ବନ୍ଧନ ପ୍ରକୃତିଦତ ନୁହେଁ । ଏଗୁଡିକ ମନୁଷ୍ୟକୃତ । ପିଲାଟି ଭୂମିଷ୍ଠ ହେବାମାତ୍ରେ କେବଳ ମୁକ୍ତପବନ ଓ ସ୍ୱଚ୍ଛ ଆଲୋକ ସ୍ପର୍ଶକରେ ନାହିଁ, ଏହା ସହିତ ଜାତି, ଧର୍ମ, ବଂଶ, ଗୋତ୍ର, ଗୋଷ୍ଠୀ ଇତ୍ୟାଦିର ବନ୍ଧନ ମଧ ତାକୁ ଜାବୁଡି ଧରେ । ସେ ସାମାଜିକ ଅସମାନତା ଓ ବାଛବିଚାରର ସମ୍ମୁଖୀନ ହୁଏ । ପ୍ରକୃତି ଏକ ସ୍ୱଚ୍ଛ ଓ ମୁକ୍ତ ବ୍ୟବସ୍ଥା ଯାହା ନିୟନ୍ତ୍ରଣାଧୀନ ନୁହେଁ । ଏହା ଏପରି ଏକ ବ୍ୟବସ୍ଥା ଯେଉଁଥିରେ ଅସମାନତା ନାହିଁ । ସମସ୍ତ ଅସମାନତା ମନୁଷ୍ୟ ତିଆରି । ମନୁଷ୍ୟର ସ୍ୱାର୍ଥପରତାରୁ ଜନ୍ମ ନେଇଛି ଅସମାନତା । ନିଜକୁ ବଡ ଦେଖାଇବାର ମାନସିକତା, ନିଜେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ, ଆମ ବିଶ୍ୱାସ ଉନ୍ନତ ଓ ଅନ୍ୟମାନଙ୍କ ବିଶ୍ୱାସ ଅନୁନ୍ନେତ, ଆମେ ଯାହା କହୁ ଓ କରୁ ତାହା ଠିକ୍, ତେଣୁ ଆମେ ଉପରେ ରହିବା ଓ ଅନ୍ୟମାନେ ଆମ ତଳେ ରହିବେ ଇତ୍ୟାଦି ଅମାନବୀୟ ଭାବନାରୁ ଜାତ ହୁଏ ଅସମାନତା । ଏହିପରି ଭାବନାରୁ ଜାତ ହୁଏ ଜାତି, ଧର୍ମ, ଗୋଷ୍ଠୀ, ସମ୍ପ୍ରଦାୟ ଇତ୍ୟାଦିର ଅବଧାରଣା । ନିଜକୁ ଶ୍ରେଷ୍ଠବୋଲି ପ୍ରଦର୍ଶିତ କରିବା ପଛରେ କେତେକ ଚାଲାକ ଲୋକଙ୍କ ପାଇଁ ସାମାଜିକ ସମ୍ମାନ ଓ ଏହାକୁ ନେଇ ଆର୍ଥିକ ଲାଭ ପାଇବାର ଅଭିପ୍ରାୟ ଥାଏ । ଏହି ଲକ୍ଷ୍ୟରେ ଏମାନେ ଏକ ଅସମ ସମାଜ ଗଠନ କରନ୍ତି । ଏହାକୁ ଯୁକ୍ତିସଙ୍ଗତ କରିବା ପାଇଁ ଧର୍ମ ଓ ପରମ୍ପରାର ଆଶ୍ରା ନିଅନ୍ତି । ଅସମାନତା ଉପରେ ଧର୍ମର ଆସ୍ତରଣ ବିଛାନ୍ତି । କିଛି ଅନ୍ଧବିଶ୍ୱାସୀ ଓ ଅନ୍ଧଭକ୍ତ ସୃଷ୍ଟି କରନ୍ତି, ଯେଉଁମାନେ ଶୋଷିତ ଓ ଭର୍ସିତ ହେଲେବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ଏମାନେ ଭାବିନିଅନ୍ତି ଏହାହିଁ ପ୍ରକୃତିର ନିୟମ । ଏ ଅସମାନତା ପ୍ରାକୃତିକ, ଯାହା ଅନିୟନ୍ତ୍ରିତ । ସେହିପରି ଆର୍ଥିକ ଅସମାନତା ମଧ ପ୍ରକୃତି ପ୍ରଦତ ନୁହେଁ । ଜନ୍ମହେବା ମାତ୍ରେ ଏ ବିଶ୍ୱ ଉପରେ ସମସ୍ତଙ୍କ ସମାନ ଅଧିକାର ଥାଏ । ବିଶ୍ୱ ପ୍ରକୃତିକୁ ସମାନଭାବେ ଉପଭୋଗ କରିବା ଜଣକର ଜନ୍ମଗତ ଅଧିକାର । ସମାଜରେ ଧନୀ ଓ ଗରିବର ସୃଷ୍ଟି ପ୍ରକୃତି ପ୍ରଦତ ନୁହେଁ । ଏହା ମଧ ସ୍ୱାର୍ଥପର ମନୁଷ୍ୟର କୃତ୍ରିମ ସୃଷ୍ଟି । ଧନୀ ଓ ଗରୀବର ପାର୍ଥକ୍ୟ ପଛରେ ରହିଛି ଆର୍ଥିକ ଶୋଷଣ । ଯିଏ ଯେତେ ପ୍ରାକୃତିକ ସମ୍ପଦକୁ ନିଜ ଅକ୍ତିୟାରରେ ରଖିପାରେ କିମ୍ବା ଏହାର ମୂଲ୍ୟ ବାବଦକୁ ରାଷ୍ଟ୍ର ଜାରିକରି ଥିବା ପ୍ରତୀକ ଟଙ୍କାକୁ ଠୁଳ କରିପାରେ ସେ ସେତେ ଧନୀ । ଯାହା ପାଖରେ ଏସବୁ ନଥାଏ ସେ ହୁଏ ନିର୍ଦ୍ଧନୀ । ଧନୀ ଘରେ ଯିଏ ଜନ୍ମ ହେଲା ସେ ଜନ୍ମରୁ ଧନୀ ଓ ଗରୀବ ଘରେ ଜନ୍ମ ନେଲେ ସେ ଜନ୍ମରୁ ଗରୀବ । ଏ ଧନୀ ଓ ଗରିବର ଅବଧାରଣା ମଧ୍ୟ ପ୍ରକୃତି ପ୍ରଦତ ନୁହେଁ । ଏହା ମଧ୍ୟ ଚାଲାକ ଲୋକଙ୍କ କୃତ୍ରିମ ସୃଷ୍ଟି, ଶୋଷଣର ପରିପ୍ରକାଶ । ପ୍ରାଚୀନ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲା ସେ ସମୟରେ ବ୍ୟକ୍ତିଗତ ମାଲିକାନାରେ କୌଣସି ପ୍ରାକୃତିକ ସମ୍ପଦ ନଥିଲା । ଯାହାକିଛି ରଖୁଥିଲା ଲୁଚାଇ ରଖୁଥିଲା ତାର ନିଜସ୍ୱ ବ୍ୟବହାର ପାଇଁ । କ୍ରମେ ସେ ଗୋଷ୍ଠୀଗତ ଜୀବନ ଆରମ୍ଭ କଲା । ସେ ସମୟରେ ଗୋଷ୍ଠୀଗତ ମାଲିକାନାରେ ଗୋଟିଏ ଅଂଚଳକୁ ରଖାଯାଇ ଥିଲା । ଏହା ଥିଲା ମାନବ ସମାଜର ଆଦ୍ୟ ସାମ୍ୟବାଦ । କ୍ରମେ ଗୋଷ୍ଠୀ ବା ଦଳରୁ ତିଆରି ହେଲେ ଦଳପତି, ଦଳପତିରୁ ରାଜା-ମହାରାଜା, ତାଙ୍କ ତଳେ ଜମିଦାର-ସୁବେଦାର ପରି ଅନେକ ପଦାଧିକାରୀ ତିଆରି ହେଲେ । ଏହି ଅବସ୍ଥାରେ ପ୍ରାକୃତିକ ସମ୍ପତି ବ୍ୟକ୍ତିଗତ ମାଲିକାନାକୁ ଆସିଲା । ଯାହା ଅଧୀନରେ ବେଶୀ ସମ୍ପଦ ରହିଲା ସେ ଧନୀ ହେଲା ଓ ଯାହା ପାଖରେ ଅଳ୍ପ କିମ୍ବା କମ ସମ୍ପଦ ରହିଲା ସେ ହେଲା ଗରୀବ । ରାଜ୍ୟ ବା ରାଷ୍ଟ୍ରର ବିକାଶ କାଳରେ ପ୍ରତୀକ ମୁଦ୍ରା ଆସିଲା, ତାପରେ ଆସିଲା କାଗଜ ଟଙ୍କା । ଯାହା ପାଖରେ ବେଶୀ ଟଙ୍କା ରହିଲା ସେ ଧନୀ ଓ ଯାହା ପାଖରେ କମ୍ ସେ ହେଲା ଗରୀବ । ତେଣୁ ଧନୀ ଓ ଗରୀବର ଅବଧାରଣା ପ୍ରାକୃତିକ ମଧ ନୁହେଁ । ଏହା ମନୁଷ୍ୟର ସୃଷ୍ଟି କୃତ୍ରିମ ବ୍ୟବସ୍ଥା । ଏ ଅସମାନତାକୁ ପ୍ରତିକ୍ରିୟା ଶୂନ୍ୟ କରିବା ପାଇଁ ମଧ୍ୟ ଧାର୍ମିକ ଲେପ ଦିଆଯାଏ । ଏହା ପ୍ରାକୃତିକ ବୋଲି ପ୍ରଚାର ହୁଏ । ଭାଗ୍ୟ, ଆଶିର୍ବାଦ, କର୍ମଫଳ ଇତ୍ୟାଦିକୁ ପ୍ରାକୃତିକ ପ୍ରକ୍ରୀୟାର ମାନ୍ୟତା ଦିଆଯାଏ । ପ୍ରାଚୀନ ମନୁଷ୍ୟ ନିକଟରେ ଯଦିଓ ଗୋଷ୍ଠୀଗତ ଭାବନା ଥିଲା, କିନ୍ତୁ ସେ ଜାତିଗତ ଧାରଣାର ଉର୍ଦ୍ଧ୍ୱରେ ଥିଲା । ଅନ୍ୟ ରାଷ୍ଟ୍ରମାନଙ୍କରେ ଏ ଧାରଣା ନାହିଁ କେବଳ ଭାରତବର୍ଷକୁ ଛାଡି । ଭାରତବର୍ଷରେ ବର୍ଣ୍ଣବ୍ୟବସ୍ଥାର ଉଦ୍ରେକ ହେବାପରେ ଏହା ତାର କାୟା ବିସ୍ତାର କରିଛି । ସେହିପରି ବଂଶ, ଗୋତ୍ର, ଟୋଟେମ୍, ଜାତକ, ରାଶି ଇତ୍ୟାଦି ମଧ୍ୟ ବର୍ଣ୍ଣବ୍ୟବସ୍ଥାର ପରବର୍ତୀ ଆନୁସାଙ୍ଗୀକ ଉତ୍ପାଦନ । ତେଣୁ ଏଗୁଡ଼ିକ ପ୍ରାକୃତିକ ସୃଷ୍ଟି ନୁହେଁ । ଏଗୁଡ଼ିକ ମନୁଷ୍ୟର କୃତ୍ରିମ ଉଭାବନ । ସେହିପରି ଧର୍ମ ମଧ୍ୟ ମନୁଷ୍ୟ ମନର ଅନ୍ୟ ଏକ ଚତୁର ଉଭାବନ । ପ୍ରାଚୀନ ମନୁଷ୍ୟ ଐଶରୀକ ଶକ୍ତିରେ ବିଶ୍ୱାସ କରୁଥିଲା । କିନ୍ତୁ ଏହା ଧାର୍ମିକ ବିବିଧତାର ରୁପରେଖ ନେଇ ନଥିଲା । ଏହାକୁ ମଧ୍ୟ ପ୍ରାକୃତିକ ବୋଲି କହିହେବ ନାହିଁ । କାରଣ ଐଶରୀକ ଭାବନା ବ୍ୟକ୍ତିସାପେକ୍ଷ । କିଏ ଇଶ୍ୱର ତ କିଏ ଆଲ୍ଲା, କିଏ ଭଗବାନ ତ ପୁଣି କିଏ ଅନ୍ୟ କୌଣସି ସତାରେ ବିଶ୍ୱାସ କରେ । ପୁଣି ବୌଦ୍ଧିକତାର ବିକାଶ ସହିତ ଏମାନଙ୍କ ମଧ୍ୟରେ ନାସ୍ତିକ ମାନଙ୍କର ମଧ ଆବିର୍ଭାବ ହୋଇଛି । ବର୍ତମାନର ଅବସ୍ଥାରେ ଥିବା ବିଭିନ୍ନ ଧର୍ମର ଧାରଣା ତା ନିକଟରେ ନଥିଲା । ତେଣୁ ବର୍ତମାନର ଧାର୍ମିକ ସ୍ୱରୂପ ପ୍ରାକୃତିକ ନୁହେଁ । ଏହା ମନୁଷ୍ୟର କୃତ୍ରିମ ସୃଷ୍ଟି । ମନୁଷ୍ୟର କଳ୍ପନାରୁ ସୃଷ୍ଟି ଏକ ଅବଧାରଣା । ଜୀବ ଜଗତରେ ମନୁଷ୍ୟ ହେଉଛି ଏପରି ସୃଷ୍ଟି ଯାହା ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ରହିଛି । ସମାନତାର ଭାବନା ତାର ଏହି ଗୁଣରୁ ନିସୃତ ହୁଏ । ତାର ବ୍ୟକ୍ତିତ୍ୱ କେବେ ସ୍ୱୀକାର କରିପାରେ ନାହିଁ ଯେ ଜାତି ଦୃଷ୍ଟିରୁ ତାର ସାମାଜିକ ସମ୍ମାନ ଅନ୍ୟମାନଙ୍କ ଠାରୁ ନ୍ୟୁନ ହେବ ବୋଲି । ଜନ୍ମକୁ ନେଇ ଅନ୍ୟମାନେ ତାକୁ ଘୃଣା କରିବେ ଓ ନୀଚ ବୋଲି କହିବେ ଏକଥାକୁ ତା ମନ ଗ୍ରହଣ କରିପାରେ ନାହିଁ । ଏହା ବିରୁଦ୍ଧରେ ସେ ସ୍ୱର ଉତୋଳନ କରେ ଓ ଜାତିବିହୀନ ସମାଜର କଥା କହେ । ସେହିପରି ପୁଞ୍ଜିବାଦୀ ରାଷ୍ଟ୍ରରେ ସେ ଧନୀ ଓ ଗରୀବର ଶ୍ରେଣୀକୁ ପିଲାଟି ଦିନରୁ ଉପଲବ୍ଧି କରେ । ଅର୍ଥନୈତିକ ଭାବେ ଦୁର୍ବଳ ହେଲେ ବି ସେ ଆର୍ଥିକ ଭାବେ ସବଳ ହେବାର ବାଟ ଖୋଜେ । ଧନୀ ଓ ଗରୀବର ପ୍ରକୃତ କାରଣ ଯେ ଆର୍ଥିକ ଶୋଷଣ ଏ କଥାକୁ ସେ ଯେତେବେଳେ ବୁଝିପାରେ, ସେତେବେଳେ ସେ ଶୋଷଣ ରହିତ ସମାଜ ବ୍ୟବସ୍ଥା କଥା ଚିନ୍ତାକରେ । ସମାନତା ଉପରେ ପ୍ରତିଷ୍ଠିତ ସାମ୍ୟବାଦୀ ସମାଜର ପରିକଳ୍ପନା କରେ । ଏଥିପାଇଁ ସେ ଅନେକବାର ବିପ୍ଳବର ମାର୍ଗକୁ ଆପଣେଇଛି । ଆର୍ଥିକ ସମାନତା ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ନୂତନ ସମାଜ ବ୍ୟବସ୍ଥା ତିଆରି ପାଇଁ ପ୍ରଚେଷ୍ଟା କରିଛି । ବିଶ୍ୱ ସମ୍ପଦ ଉପରେ ସମସ୍ତଙ୍କ ସମାନ ଅଧିକାର ରହିଛି ବୋଲି କହିଛି । ବିଶ୍ୱରେ ଅନୁଷ୍ଠିତ କମ୍ୟୁନିଷ୍ଟ ଆନ୍ଦୋଳନ ଏହାର ନମୁନା । ଭାରତର ସାମାଜିକ ନ୍ୟାୟ ଆନ୍ଦୋଳନ ମଧ୍ୟ ଏହାର ଦୃଷ୍ଟାନ୍ତ । ସାମାଜିକ ଅସମାନତା ଓ ଆର୍ଥିକ ଅସମାନତା ବିରୁଦ୍ଧରେ ତାର ସଂଗ୍ରାମ ଜାରି ରହିଛି । ସେ ଜାତି ରହିତ ସମତାଭିତିକ ସମାଜର ପରିକଳ୍ପନା କରିଛି ଓ ସାମୁହିକ ମାଲିକାନା ଜରିଆରେ ସାମ୍ୟବାଦୀ ସମାଜର ମଧ ପରିକଳ୍ପନା କରିଛି । ଏହା ସହିତ ସମତାଭିତିକ ଉନ୍ନତ ଧାର୍ମିକ ଚେତନା ଜାଗ୍ରତ କରିବା ପାଇଁ ମଧ ସେ ଚେଷ୍ଟାକରି ଆସିଛି । ଧାର୍ମିକ ମୌଳବାଦକୁ ହଟାଇ ସହନଶୀଳତା ଓ ଉଦାରବାଦ ଉପରେ ଏକ ପ୍ରଗତିଶୀଳ ବ୍ୟବସ୍ଥାର ସ୍ଥାପନ ପାଇଁ ଚେଷ୍ଟାକରି ଆସିଛି । ଏ ସମସ୍ତର ମୂଳରେ ପ୍ରେରଣାର ଉତ୍ସ ହେଉଛି ତା ମନରେ ସ୍ଥାପିତ ହୋଇ ରହିଥିବା ସମାନତାର ଭାବନା । ସେ ଅନୁଭବ କରିଛି ସମାନତା ହେଉଛି ତା'ର ପ୍ରକୃତିଦତ ଜନ୍ମଗତ ଅଧିକାର ।

*ଦର୍ଶନ ବିଭାଗ (ଅବସରପ୍ରାପ୍ତ),ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*





# ସୁବ୍ୟବସ୍ଥିତ ଟ୍ରାଫିକ

ଭାବନ୍ତୁ ତ ଥରେ ବିନା ଟ୍ରାଫିକ୍ ବ୍ୟବସ୍ଥାରେ ଆମର ଅବସ୍ଥା କ'ଣ ହୋଇଥାଆନ୍ତା ? ପ୍ରତିଦିନ ପ୍ରତି ମୁହୂର୍ତରେ କେତେ ଯେ ଦୁର୍ଘଟଣା ହେଉ ଥାଆନ୍ତା ତା'ର ଠିକଣା ନଥାଆନ୍ତା । ତେବେ ଜାଣିଛନ୍ତି କି ବର୍ତ୍ତମାନର ଏହି ସୁବ୍ୟବସ୍ଥିତ ଟ୍ରାଫିକ୍ କେବେ ଆରମ୍ଭ ହୋଇ ଥିଲା ? ଆସନ୍ତୁ ବିଶ୍ୱ ଟ୍ରାଫିକ୍ ଇତିହାସ ବିଷୟରେ ଜାଣିବା ?



- ବିଶ୍ୱର ଟ୍ରାଫିକ୍ ଇତିହାସରେ ପ୍ରଥମେ ମୋଟର ଗାଡ଼ି ଯୋଗୁଁ ଦୁର୍ଘଟଣା ୧୭୭୧ ମସିହାରେ ପ୍ୟାରିସ୍‌ରେ ହୋଇଥିଲା । ଏକ ବାଷ୍ପଚାଳିତ ଟ୍ରାକ୍ଟର ଏକ କମ୍ ଉଚ୍ଚତା ବିଶିଷ୍ଟ କାନ୍ଥ ସହ ପିଟି ହୋଇଯିବାରୁ ଦୁର୍ଘଟଣାଟି ହୋଇଥିଲା ।
- ୧୮୯୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବ୍ରିଟେନ୍‌ରେ ପ୍ରଥମ କରି ଏକ ସାଙ୍ଘାତିକ ତଥା ମରଣାନ୍ତକ ମୋଟର କାର୍ ଦୁର୍ଘଟଣା ହୋଇଥିଲା । ଯେଉଁ ଦୁର୍ଘଟଣାରେ ଗାଡ଼ି ଚାଳକର ମୃତ୍ୟୁ ହୋଇଥିଲା ।
- ପୃଥିବୀର ପ୍ରଥମ କାର୍ ନମ୍ବର ପ୍ଲେଟ୍ ଫ୍ରାନ୍ସ ପୁଲିସ୍ ଦ୍ୱାରା ୧୮୯୩ ମସିହାରେ ଆରମ୍ଭ ହୋଇଥିଲା ।
- ପ୍ରଥମ ଗାଡ଼ିଚାଳକ ଭାବେ କୋର୍ଟ ଦ୍ୱାରସ୍ଥ ହୋଇଥିବା ବ୍ୟକ୍ତି ହେଉଛନ୍ତି ଜନ୍ ହେନେରୀ ନାଇଟ୍ । ୧୮୯୫ ମସିହାରେ ଏକ ତିନିଚକିଆ ଗାଡ଼ିକୁ ରାଜପଥରେ ଚଳାଇ ଅପରାଧୀ ସାବ୍ୟସ୍ତ ହୋଇଥିଲେ ଏବଂ ତାଙ୍କୁ ଜୋରିମାନା ମଧ୍ୟ ଦେବାକୁ ପଡ଼ିଥିଲା ।
- ମଟେ କାର୍ଲୋର ଧୂଳି ଧୂସରିତ ପଥର ଗୋଡ଼ି ରାସ୍ତା ସମସ୍ୟାକୁ ଦୂରେଇବା ପାଇଁ ପ୍ରଥମେ ୧୯୦୨ ମସିହାରେ ଆଲକାତରା ବା ପିଚୁରେ ତିଆରି ରାସ୍ତା ତିଆରି ହୋଇଥିଲା । ଏହି ରାସ୍ତା ନିର୍ମାଣ କରିବା ପାଇଁ ପ୍ରଥମେ ଡ. ଗୁଗଲିଇମିନେଟି ନାମକ ସୁଇଜରଲ୍ୟାଣ୍ଡର ଜଣେ ଅଧିବାସୀ ଚିନ୍ତା କରିଥିଲେ । ପୂର୍ବେ ଏହି ଆଲକାତାରକୁ ଥଣ୍ଡାରେ ବ୍ୟବହାର କରାଯାଉଥିଲା । ପରେ ଏହାକୁ ଗରମ କରି ବ୍ୟବହାର କରାଗଲା ।
- ପ୍ରଥମ ପେଟ୍ରୋଲ୍ ପମ୍ପ୍ ୧୯୦୬ ମସିହାରେ ଆମେରିକାରେ ସ୍ଥାପନ କରାଯାଇଥିଲା ।
- ପ୍ରଥମ ଟ୍ରାଫିକ୍ ଲାଇଟ୍ ୧୯୧୯ ମସିହାରେ ଆମେରିକାର ଡେଟ୍ରୋଏଟ୍‌ରେ ସ୍ଥାପନ କରାଯାଇଥିଲା ।
- ପେଡେଷ୍ଟିଆନ୍ କ୍ରସିଂଗୁଡ଼ିକ ପ୍ରଥମେ ୧୯୩୪ ମସିହାରେ ବ୍ରିଟେନ୍‌ରେ ସ୍ଥାପନ କରାଯାଇଥିଲା । ଏଥିରେ ରାସ୍ତାଗୁଡ଼ିକ ଡଟ୍ ଚିହ୍ନିତ ଲାଇନ୍‌ରେ ଚିହ୍ନିତ ହେଉଥିଲା ।
- କଳା ଓ ଧଳା ଗାର ବିଶିଷ୍ଟ ଜେବ୍ରା କ୍ରସିଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆରମ୍ଭ ହୋଇଥିଲା । ୧୯୪୯ ମସିହାରେ ପ୍ରଥମେ ଲଣ୍ଡନର ଏକ ହଜାରଟି ସ୍ଥାନରେ ଜେବ୍ରା କ୍ରସିଂକୁ ବ୍ୟବହାର କରାଯାଇଥିଲା ।
- ୧୯୬୪ ମସିହାରେ ପ୍ରଥମ କରି ପ୍ୟାରିସ୍‌ରେ ମହିଳା ପୁଲିସ୍‌ଙ୍କୁ ଟ୍ରାଫିକ୍ ନିମନ୍ତ୍ରଣ ଦାୟିତ୍ୱରେ ରଖାଯାଇଥିଲା ।
- ଭାରତରେ ପ୍ରଥମ କରି ଦିଲ୍ଲୀରେ ମହିଳା ଟ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଥିଲା ।
- ରଶ୍ମି ଟି. ଶଙ୍ଖେ ନାମକ ଜଣେ ମହାରାଷ୍ଟ୍ରୀୟାନ୍ ମହିଳା ହେଉଛନ୍ତି ଭାରତର ପ୍ରଥମ ମହିଳା ଟ୍ରାଫିକ୍ ପୋଲିସ୍ । ପୂର୍ବରୁ ସେ ମହିଳା ପୁଲିସ୍ ଷ୍ଟେସନ୍‌ରେ ୭ବର୍ଷ ପର୍ଯ୍ୟନ୍ତ କାମ କରୁଥିଲେ । ମୁମ୍ବାଇର 'ଭସାଇ' ହେଉଛି ପ୍ରଥମ ସ୍ଥାନ ଯେଉଁଠାରେ ପ୍ରଥମ କରି ମହିଳା ଟ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଥିଲା । ପରେ ପରେ ମୀରା ରୋଡ଼ ଓ ଥାନେରେ ଏହି ଧାରା ଆରମ୍ଭ ହୋଇଥିଲା ।

✦✦✦

# ଡିଜିଟାଲ ପଞ୍ଜିକରଣ ମାଧ୍ୟମରେ ଚାଷୀଙ୍କୁ ସଶକ୍ତ କରିବା

◆ ସୁଶ୍ରୀ ସଙ୍ଗୀତା ମହାରଣା

## କୃଷକ ପଞ୍ଜିକରଣ କ'ଣ ?

କୃଷକ ପଞ୍ଜିକରଣ ହେଉଛି ଏକ ଏକୀକୃତ ଡିଜିଟାଲ ସିଷ୍ଟମ ଯାହା ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ ବିକଶିତ ହୋଇଛି । ଏହି ସିଷ୍ଟମ ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ବ୍ୟବହାର କରି ପ୍ରତ୍ୟେକ ଚାଷୀଙ୍କ ପରିଚୟ ରେକର୍ଡ କରେ ଏବଂ ଏକ ଅନନ୍ୟ ଚାଷୀ ପରିଚୟପତ୍ର ମାଧ୍ୟମରେ ସେମାନଙ୍କୁ ସେମାନଙ୍କ ଜମି ବିବରଣୀ ସହିତ ଲିଙ୍କ୍ କରେ । ଚାଷୀ ପଞ୍ଜିକରଣ ଏକ ସୁରକ୍ଷିତ ଡିଜିଟାଲ ଡାଟାବେସ୍ ଯାହା ବ୍ୟକ୍ତିଗତ ପରିଚୟ ଏବଂ ଜମି ମାଲିକାନା ସମେତ ଚାଷୀଙ୍କ ବିଷୟରେ ଯାଂଚ କରାଯାଇଥିବା ସୂଚନା ସଂଗ୍ରହ କରେ । ସରକାରଙ୍କ ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ଚାଷୀଙ୍କୁ ଏକ ଅନନ୍ୟ ଚାଷୀ ପରିଚୟପତ୍ର ପ୍ରଦାନ କରାଯିବ, ଯାହା ସେମାନଙ୍କର ଆଧାର ଏବଂ ଜମି ରେକର୍ଡ ସହିତ ଲିଙ୍କ୍ ହେବ ।




## ଏହା କାହିଁକି ଆବଶ୍ୟକ ?

- ଚାଷୀ ଏବଂ ସେମାନଙ୍କ ଜମି ବିଷୟରେ ସତ୍ୟର ଏକକ ଉତ୍ସ ସୃଷ୍ଟି କରିବା ।
- ପ୍ରତ୍ୟେକ ଯୋଜନା ପାଇଁ ବାରମ୍ବାର ତଥ୍ୟ ସଂଗ୍ରହକୁ ଦୂର କରିବା । ସରକାରୀ ସୁବିଧା ଏବଂ ସେବାଗୁଡ଼ିକର ଦ୍ରୁତ ଏବଂ ସ୍ୱଚ୍ଛ ପ୍ରବେଶ ସୁନିଶ୍ଚିତ କରିବା ।
- କୃଷି ସମ୍ବନ୍ଧୀୟ ସେବାଗୁଡ଼ିକର କାଗଜବିହୀନ ଏବଂ ଯୋଗାଯୋଗ ବିହୀନ ବିତରଣକୁ ସକ୍ଷମ କରିବା ।

## କୃଷକ ପଞ୍ଜିକରଣରେ ଲାଭ କଣ

- କିଷାନ କ୍ରେଡିଟ୍ କାର୍ଡ (କଉଉ) ଋଣର ଶୀଘ୍ର ବଂଟନ ।
- ସର୍ବନିମ୍ନ ସହାୟକ ମୂଲ୍ୟ (ଗଝଚ) କ୍ରୟ ପାଇଁ ଯୋଗ୍ୟତା ।

**PM-KISAN, PMFBY,** ଏବଂ ୭ ଅନ୍ୟାନ୍ୟ ସରକାରୀ ଯୋଜନା ଗୁଡ଼ିକ ସହଜରେ ଉପଲବ୍ଧ ହେବ ।

- ଡିଜିଟାଲ ଭାବରେ ଆପଣଙ୍କର ନିଜସ୍ୱ ତଥ୍ୟ ଦେଖିବା, ଅପଡେଟ୍ କରିବା ଏବଂ ପରିଚାଳନା କରିବାର କ୍ଷମତା ।
- ଆପଣଙ୍କ ଅଂଚଳର କୃଷି ଆଧାରିତ ପରାମର୍ଶ, ଇନପୁଟ୍ ଏବଂ ସତର୍କ ବାର୍ତା ପ୍ରାପ୍ତ ।
- ଫସଲ ସର୍ଭେ, ଅଭିଯୋଗ ସମାଧାନ ଏବଂ ଯୋଜନା ଯୋଗ୍ୟତା ପାଇଁ ଏକ ଏକୀକୃତ ବ୍ୟବସ୍ଥାରେ ଅଂଶଗ୍ରହଣ କରନ୍ତୁ ।
- ଜଣେ ଚାଷୀ କିପରି ପଞ୍ଜିକୃତ ହେବେ ?

## ସ୍ୱୟଂ-ପଞ୍ଜିକରଣ:

- ଚାଷୀ ପଞ୍ଜିକରଣ ପୋର୍ଟାଲ୍ କିମ୍ବା ମୋବାଇଲ୍ ଆପ୍ ପରିଦର୍ଶନ କରନ୍ତୁ ।
- ଆଧାର **OTP** କିମ୍ବା ର-କଣଉ ବ୍ୟବହାର କରି ପ୍ରମାଣୀକୃତ କରନ୍ତୁ ।
- ବ୍ୟକ୍ତିଗତ ଏବଂ ଜମି ବିବରଣୀ ପୂରଣ କରନ୍ତୁ ।

## ସହାୟତା ପଞ୍ଜିକରଣ:

- ଆପଣଙ୍କର ନିକଟତମ ଜନ ସେବା କେନ୍ଦ୍ର (**CSC**) ପରିଦର୍ଶନ କରନ୍ତୁ ।
- ସମର୍ପିତ ଶିବିର ମାଧ୍ୟମରେ ପ୍ରତି ଗ୍ରାମରେ ପଞ୍ଜିକରଣ କରାଯାଉଛି । ଚାଷୀମାନେ ନିଜକୁ ପଞ୍ଜିକରଣ କରିବା ପାଇଁ ନିର୍ଦ୍ଧାରିତ ଅଭିଯାନ ସମୟରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି ।
- କୃଷି ବିଭାଗର ଅପରେଟରମାନେ ଆପଣଙ୍କର ଡକ୍ୟୁମେଂଟ ଏବଂ ଆଧାର ବ୍ୟବହାର କରି ପଞ୍ଜିକରଣ କରିବାରେ ଆପଣଙ୍କୁ ସାହାଯ୍ୟ କରିବେ ।
- ପଞ୍ଜିକୃତ ସହାୟକମାନେ ଆପଣଙ୍କୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାରେ ନାମ ଲେଖାଇବାରେ ସାହାଯ୍ୟ କରିବେ ।

## ସହାୟତା ଆବଶ୍ୟକ ?

ପଞ୍ଜିକରଣ ପ୍ରକ୍ରିୟା ସମୟରେ ଆପଣଙ୍କୁ ସାହାଯ୍ୟ ଆବଶ୍ୟକ ହେଲେ:

- ଆପଣଙ୍କର ନିକଟତମ **CSC** କେନ୍ଦ୍ର ପରିଦର୍ଶନ କରନ୍ତୁ ।
- କୃଷି କିମ୍ବା ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରନ୍ତୁ ।
- ଜିଲ୍ଲା ସ୍ତରୀୟ ନୋଡାଲ ଅଧିକାରୀଙ୍କ ସହିତ ସଂଯୋଗ କରନ୍ତୁ କିମ୍ବା ସରକାରୀ ହେଲ୍ପଲାଇନ୍ କୁ କଲ୍ କରନ୍ତୁ ।
- ଆପଣ ଆପଣଙ୍କର ଆଧାର କିମ୍ବା ନାମ ଲେଖା ନମ୍ବର ବ୍ୟବହାର କରି ଆପ୍ କିମ୍ବା ୱେବ୍ ପୋର୍ଟାଲ୍ ମାଧ୍ୟମରେ ଆପଣଙ୍କର ପଞ୍ଜିକରଣ ସ୍ଥିତି ମଧ୍ୟ ଯାଂଚ କରିପାରିବେ ।
- ଆପଣଙ୍କର ପରିଚୟ । ଆପଣଙ୍କର ଜମି । ଆପଣଙ୍କର ଚାଷୀ ପରିଚୟପତ୍ର ।
- ଦ୍ରୁତ ସେବା, ଅଧିକ ସୁବିଧା ଏବଂ ଏକ ମଜବୁତ କୃଷି ଭବିଷ୍ୟତକୁ ହାସଲ କରିବା ପାଇଁ ଆଜି ହିଁ ପଞ୍ଜୀକରଣ କରନ୍ତୁ ।
- ଭାରତ ସରକାର ପିଏମ୍-କିସାନ ସହାୟତା ପ୍ରାପ୍ତ ଜାରି ରଖିବା ପାଇଁ ଜୁଲାଇ ୨୦୨୫ ମଧ୍ୟରେ ହିତାଧିକାରୀଙ୍କ ପିଏମ୍ -କିସାନ ଡାଟା ବେସ୍ ସହିତ ଚାଷୀ ପଞ୍ଜିକରଣ ଅଧୀନରେ ଚାଷୀ ପରିଚୟ ପତ୍ର ହାସଲ କରିବାକୁ ବାଧ୍ୟତାମୂଳକ କରିଛନ୍ତି ।

ଲୋକସମ୍ପର୍କ ଅଧିକାରୀ

# ଜଙ୍ଗଲ ବିନାଶ ବିଲୁପ୍ତ ଔଷଧୀୟ ବୃକ୍ଷ

ଓଡ଼ିଶାର ଯେକୌଣସି ପର୍ଯ୍ୟଟନସ୍ଥଳୀକୁ ଭ୍ରମଣ କରନା କାହିଁକି ସଦାସର୍ବଦା ତାର ସଂସ୍କୃତି ଓ ପରିବେଶ ତଥା ବନ୍ୟସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଶ୍ରେୟସ୍କର । ପରିଭ୍ରମଣ ସମୟରେ କେବଳ ସାମୟିକ ସୁଖରେ ସମୟ ଅତିବାହିତ ନକରି ତା'ର ପାରିପାର୍ଶ୍ୱିକ ପରିବେଶ ତଥା ପର୍ଯ୍ୟଟନସ୍ଥଳୀର ପରିବେଶ ବ୍ୟବସ୍ଥା ଉପରେ ଧ୍ୟାନଦେବା ଉଚିତ । ପରିଭ୍ରମଣ ସମୟରେ ସାଙ୍ଗରେ ଥିବା ସାଥି ଓ ସ୍ଥାନୀୟ ଜନସାଧାରଣଙ୍କ ମନରେ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ଜାଗ୍ରତ କରାଇବା ଆବଶ୍ୟକ ଅଟେ । ଓଡ଼ିଶାରେ ଅନେକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ରହିଛି ଯାହାର ପରିମଳ ଓ ପାରିପାର୍ଶ୍ୱିକ ପରିବେଶ ଏତେ ବିପର୍ଯ୍ୟସ୍ତ ଯେ ଯାହାକୁ ଦେଖିଲେ ପରିବେଶ ପ୍ରେମୀ ବୁଦ୍ଧିଜୀବୀମାନଙ୍କ ମନ ଆନ୍ଦୋଳିତ ହୋଇଉଠେ । ପର୍ଯ୍ୟଟନରେ ଆନନ୍ଦ ଓ ଉଦ୍ଦୀପନାର ପ୍ରାଚୁର୍ଯ୍ୟ ରହିଛି । ଅନେକ ବ୍ୟକ୍ତି ପର୍ଯ୍ୟଟନକୁ ନିଜର ଅବସର ବିନୋଦନ ଭାବେ ପରିଗଣିତ କରନ୍ତି । ମାତ୍ର ପର୍ଯ୍ୟଟନ ସମୟରେ ଖୁବ୍ କମ୍ ବ୍ୟକ୍ତି ନିଜର ଆତ୍ମସମୀକ୍ଷା ବଳରେ ପାରିପାର୍ଶ୍ୱିକ ପରିବେଶର ଯାହା ମନୁଷ୍ୟ ଜୀବନଗଠନର ଏବଂ ନିରାମୟ ଜୀବନ ତଥା ଏକ ସଭ୍ୟସମାଜ ଗଠନ ପାଇଁ ଯାହା ଆବଶ୍ୟକ ତାହା ସେମାନେ ଅନୁଭବ କରିଥାନ୍ତି । ଖାଲି ନିଜର ଅବସର ବିନୋଦନ କରିଦେଲେ ଚଳିବନି ସେଥିପାଇଁ ଯାହା ଆବଶ୍ୟକ ଓଡ଼ିଶାର ଅନେକ ପର୍ଯ୍ୟଟନସ୍ଥଳୀ ମାନଙ୍କର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାରେ ନିକଟସ୍ଥ ଜନସାଧାରରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ । ଦିନଥିଲା ଯେତେବେଳେ ମଣିଷ ଦଳବଦ୍ଧ ହୋଇ ଗୋଟିଏ ସ୍ଥାନରୁ ଭିନ୍ନ ଭିନ୍ନ ସ୍ଥାନକୁ ଭ୍ରମଣ କରୁଥିଲା ସେତେବେଳେ ଗ୍ରାମ କିମ୍ବା ନଗର ନଥିଲା । କାଳକ୍ରମେ ମଣିଷ କୃଷି ଜାଣିଲା ଜଙ୍ଗଲ କାଟି ପଦା କରି ଜନବସତି ସ୍ଥାପନ କଲା ସେତେବେଳେ ସେ ଭୁଲିଗଲା ତାର ଅତୀତ ପରିଭ୍ରମଣର ଅନୁଭୂତି, ଆଧୁନିକ ଜୀବନ ଶୈଳୀରେ ଆକ୍ରାନ୍ତ ହୋଇ ମଣିଷ ସମାଜ ନିଜର ଆଧୁନିକତା ଓ ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା ପାଇଁ ପ୍ରାକୃତିକ ସଂସଦର ସଠିକ୍ ପରିଚାଳନା ନକରି ଜଙ୍ଗଲ ବିନାଶ କରିବାକୁ ଲାଗିଲା । ଯାହା ଏପର୍ଯ୍ୟନ୍ତ ନାନା ଢଙ୍ଗରେ ନାନା ବାଟରେ ପରିବେଶ ଧ୍ୱଂସ ପ୍ରକ୍ରିୟା ହୋଇଚାଲିଛି । ପରିଭ୍ରମଣ ସମୟରେ କେଉଁଝରର ପରି ଅନେକ ଦୃଶ୍ୟମାନ ସବୁଜିମା ଜଙ୍ଗଲ ଓ ତାର ସଂରକ୍ଷଣ କାର୍ଯ୍ୟକୁ ସମୀକ୍ଷା କଲେ ଓଡ଼ିଶାର ଅନ୍ୟାନ୍ୟ ପର୍ଯ୍ୟଟନ ଜାଗା ତଥା ନିକଟସ୍ଥ ଜଙ୍ଗଲ ଓ ତାର ସଂରକ୍ଷଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ଓଡ଼ିଶାର ନିମ୍ନଲିଖିତ ଜାଗାମାନଙ୍କରେ ପରିବେଶର ବିନଷ୍ଟ ପ୍ରକ୍ରିୟା ଯୋଗୁ ଅନେକ ଔଷଧୀୟ ବୃକ୍ଷର



ବିଲୁପ୍ତି ଘଟିଛି । ପ୍ରକୃତି ରାଣୀ ସୀମିତ ଭଣ୍ଡାରରେ ଥିବା ଔଷଧୀୟ ବୃକ୍ଷର ବିଲୁପ୍ତି ଫଳରେ ଅନେକ ପ୍ରାଣଘାତକ ରୋଗର ଚିକିତ୍ସା ପାଇଁ ଚିନ୍ତାର କାରଣ ହୋଇଛି । ତନ୍ମଧ୍ୟରୁ ଢେଙ୍କାନାଳର କପିଳାସ, ଖୋର୍ଦ୍ଧାର ଡମଣା, ମୟୂରଭଞ୍ଜର ସାତକୋଶିଆ, ଦେବଗଡ଼ର ପ୍ରଧାନପାଟ, ନୂଆପଡ଼ାର ଖଡ଼ିଆଳ, କେନ୍ଦ୍ରାପଡ଼ାର ଭିତରକନିକା ଓ ଜଗତସିଂହପୁର ଜିଲ୍ଲାର ଧରଢ଼ଙ୍ଗ ଗଡ଼ ତଥା ଉପକୂଳବର୍ତୀ ଜିଲ୍ଲାମାନଙ୍କର ଲୁଣା ଜଙ୍ଗଲର ଧ୍ୱଂସ ପ୍ରକ୍ରିୟା ଅନ୍ୟତମ । ଔଷଧୀୟ ବୃକ୍ଷମାନଙ୍କ ମଧ୍ୟରେ ଅଶୋକ, ଫଣଫଣା, ଗିଲ, ବରୁଣ, ପାଣି, ଆମ୍ବ, ବଣମଲ୍ଲୀ, ଗଦ, ଅଶ୍ୱତ, ଅଶ୍ୱଗନ୍ଧା, ଭୂଇଁକଖାରୁ, ଗଙ୍ଗଶିଉଳୀ, ପଶାରୁଣୀ ଓ ଥାଲକୁଡ଼ି ପ୍ରଭୃତି ବୃକ୍ଷମାନ କ୍ରମାନ୍ୱୟରେ ବିଲୁପ୍ତି ଘଟୁଛି । ଏସବୁର ବିଲୁପ୍ତି ଫଳରେ ଔଷଧ ପ୍ରସ୍ତୁତ ପ୍ରଣାଳୀରେ ବ୍ୟାଘାତ ସୃଷ୍ଟି ହୋଇ ସୁସ୍ଥ ନିରାମୟ ଜୀବନ ଗଠନରେ ପ୍ରତିବନ୍ଧକ ସୃଷ୍ଟି ହେବ । ତେଣୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର କେବଳ ଆଧୁନିକକରଣ କରିଦେଲେ ଠିକ୍ ହେବନି ତା'ର ପାରିପାର୍ଶ୍ୱିକ ପରିସ୍ଥିତି ଓ ପ୍ରାକୃତିକ ଅବସ୍ଥିତିକୁ ସନ୍ତୁଳିତ ରଖିବାର ଉପାୟ ବାହାର କରି ପର୍ଯ୍ୟଟନସ୍ଥଳୀ ମାନଙ୍କରେ ପରିମଳ ବ୍ୟବସ୍ଥାର ସଠିକ୍ ପରିଚାଳନା ଉପରେ ପ୍ରଶାସନର ଦୃଢ଼ ପଦକ୍ଷେପ ସହିତ ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟନ ମାନଙ୍କର ସଚେତନତା ଉଦ୍ରେକ ହେବା ଆବଶ୍ୟକ ଯାହାଫଳରେ ମଣିଷ ସମାଜ ଏକ ସୁନ୍ଦର ସାବଲୀଳ ଓ ନିରାପଦ ଜୀବନ ଗଠନ ସହିତ ପର୍ଯ୍ୟଟନର ଆନନ୍ଦ ଉପଭୋଗ କରିପାରିବେ ।

# ଉତମ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଓ ରକ୍ଷଣ

ଖାଦ୍ୟ' ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ । ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ୍ୟ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଥାଏ । ଆମେ ବେଳେ ବେଳେ 'ଚିନ୍ତାର ଖୋରାକ' ବୋଲି କହିଥାଉ । ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି । କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇ ଯାଆନ୍ତି । ଗୋଟିଏ ଦୁଃସମ୍ବାଦ ମଧ୍ୟ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ । ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମା□ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା । ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ । ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ । ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର । ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ । ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର । ଏହା ଉତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ । ରାଜସିକ ଖାଦ୍ୟ ପ୍ରବୃତିକୁ ଉତେଜିତ କରାଏ । ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ । ସାତ୍ୱିକ ଖାଦ୍ୟ ଦିଏ ତୃପ୍ତି । ଗୀତାରେ 'ଯୁକ୍ତାହାର ବିହାରସ୍ୟ' ବା ସଂଯତ ଆହାର ବିହାର କଥା କୁହାଯାଇଛି । ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରି ଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ । ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ । ସେଥିପାଇଁ ମଣିଷ ମଧ୍ୟରେ ଆଧ୍ୟାତ୍ମିକ ଅଭୀପ୍‌ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତି ମାନଙ୍କର





ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ । ଏହା ଗୋଟିଏ ଖୁବ୍ ମୂଲ୍ୟବାନ ଉପହାର । ଉନ୍ନତ ଉଦ୍ଦେଶ୍ୟ



ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି । ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ । ଚରିତ୍ର ଉତମ ହେଲେ ଶରୀର ମଧ୍ୟ ଶୋଭାଯୁକ୍ତ ହୁଏ । ଏହାର ଶୋଭା ଓ ରମଣୀୟତାକୁ ବଂଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା । ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧ୍ୟରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇ ଯାଉଥିଲା । ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି । କେବେ ହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି । ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇ ସାରନ୍ତେଣି । ପରୀକ୍ଷା କରି ଦେଖ, ଡାକ୍ତର ମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ । ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ । ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର । ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି । ଆଧ୍ୟାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ । ତୁମେମାନେ ଦିବ୍ୟାତ୍ମା ସ୍ୱରୂପ । ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର । ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା ।

✦✦✦

# ଜିଲ୍ଲାସ୍ତରୀୟ ମାରାଗୁଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସ୍ତରୀୟ ମାରାଗୁଡା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଉତରାଂଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ମାନିତ ଅତିଥି ରୂପେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଖଡିଆଳ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ, ବିଜେଡି ଜିଲ୍ଲା ସଭାପତି ଅବନୀ ରଂଜନ ଯୋଷୀ, ସମାଜ ସେବୀ କର୍ମୀ ଅବନୀ ମୋହନ ମୋହନ ପାଣିଗ୍ରାହୀ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱାରୀ ସାହୁ, ଏନ୍ ଏ ସି ଅଧକ୍ଷ ମହମ୍ମଦ ଆଦମ ଖାନ୍, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ଗୁଆଲ୍ ପ୍ରମୁଖ ଯୋଗ ଦେଇଥିଲେ । ସଙ୍ଗୀତ ମୂର୍ଚ୍ଛନା ରେ ଅଧିକାରୀ ମାନେ ନିଜେ ନୃତ୍ୟରେ ମଜି ଯାଇଥିଲେ । ଅଂଚଳର କୃତି ସନ୍ତାନ ମନଙ୍କୁ ସମ୍ବର୍ଦ୍ଧିତ କରି ସାଧୁବାଦ୍ ଜଣାଇଥିଲେ ।

# ପବ୍ଲିକ ସ୍କୁଲର ୨୭ ତମ ବାର୍ଷିକ ଉତ୍ସବରେ ସମାନ ଶିକ୍ଷା ଅଧିକାର ପାଇଁ ଦାବି

ସୋର(ନିପ୍ର): ସୋର ପବ୍ଲିକ ସ୍କୁଲର ୨୭ ତମ ବାର୍ଷିକ ଉତ୍ସବ, କମର ପୁର ସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବାର୍ଷିକ ଉତ୍ସବର ସାଧାରଣ ସଭାକୁ ବିଦ୍ୟାଳୟର ସଭାପତି ମାୟାଧର ନାୟକ ପରିଚାଳନା କରିଥିବା ବେଳେ, ମୁଖ୍ୟ ବକ୍ତା ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇ ବକ୍ତବ୍ୟରେ ସମ୍ବିଧାନ ପ୍ରଦତ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ସରକାରଙ୍କର ମୌଳିକ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ ।ସରକାରୀ ବିଦ୍ୟାଳୟ ଗୁଡିକରେ ଘରୋଇ ଶିକ୍ଷାନୁଷ୍ଠାନ ଭଳି ସମାନ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ମାନେ ଉତରଦାୟୀ ହେବା ଜରୁରୀ । ଏହି ବିଦ୍ୟାଳୟରେ ୨୮ ବର୍ଷ ଧରି ଓଡ଼ିଆ ଇଂରାଜୀ ମାଧମରେ ଶିକ୍ଷାଦାନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମ ନିର୍ଭର ଶିଳ କରାଇବାରେ ଅଭିଭାବକ ମାନଙ୍କର ମାନସିକତା ନିର୍ଶ୍ଚିତ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଦାୟକ । ସମ୍ମାନିତ ଅତିଥି ଶିକ୍ଷାବିତ ଡକ୍ଟର ସତ୍ୟନାରାୟଣ ପଣ୍ଡା ଯୋଗଦେଇ ବକ୍ତବ୍ୟରେ ଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ଶିକ୍ଷା ପ୍ରତି ଅଧିକ ଉତ୍ସାହି ଥାନ୍ତି କିନ୍ତୁ ନିଜ ଘରେ ବାପା ମାଙ୍କ ଦ୍ୱାରା ସଠିକ ମାର୍ଗରେ ପରିଚାଳିତ ହେଲେ ନିର୍ଶ୍ଚିତ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସଫଳତା ପାଇପାରିବେ ବୋଲି ଅସାବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ମାଧବ ଧଡ଼ା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପିଲାମାନେ ସର୍ବଦା ବଡ ହେବାର ଲକ୍ଷ୍ୟ ନେଇ ନିରନ୍ତର ପ୍ରଚେଷ୍ଟା କଲେ ନିଶ୍ଚିତ ସଫଳତା ପାଇବେ । ଏଥି ପାଇଁ ଦୃଢ ମାନସିକତା ଏବଂ ନିରଳସ ଛାତ୍ର ଜୀବନ ଆବଶ୍ୟକ ବୋଲି ବକ୍ତବ୍ୟରେ ଉପସ୍ଥିତ ସାହସ୍ରାଧିକ ଛାତ୍ର ଛାତ୍ରୀ ଅଭି ଭାବକ ଓ ଦର୍ଶକଙ୍କୁ ସମ୍ବୋଧିତ କରି ଥିଲେ । ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନାମ ପ୍ରସାଦ ବାରିକ, ହିମାଂଶୁ ଭୂଷଣ ପଣ୍ଡା ଲୋକନାଥ ରାଉତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମନାରାୟଣ ଦାସ, ଦିବାକର ସାହୁ, ଶଶୀକାନ୍ତ ଘଡ଼ାଇ, ଗୌରାଙ୍ଗ ଝୁଂଟିଆ, ଗୁଲତାଜ ଖାଁ, ସନ୍ତୋଷ କୁମାର ନାୟକ, ଡମ୍ବରୁ ଧର ଜେନା, ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ଉମାକାନ୍ତ ପ୍ରଧାନ, ତନୁଜା ପଣ୍ଡା, ସନ୍ଧ୍ୟାରାଣୀ ସେଠି, ବିଦୁସ୍ମିତା ନାୟକ, କାଂଚନ ବିଶ୍ୱାସ, ଅଞ୍ଜୁ ରାଣୀ ରାଏ, ମାଧବୀ ଦାସ, କବିତା ସେଠି, ଭାଗ୍ୟଶ୍ରୀ ଝୁଂଟିଆ, ଝିଲି ନାୟକ ସୀମା ବାରିକ, ବବିତା ଜେନା, ୟାସ୍ମିନ ପରବିନ, ଅମ୍ରିତାଞ୍ଜଳି ମହାରଣା, ସରିତା ରାଉତ, ରଶ୍ମିତା ସାହୁ, ସୁମି ମଳିକ ପ୍ରଭୃତି ସହଯୋଗ ପ୍ରଦାନ କରିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରାୟ ଅଢେଇ ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମନମୁଗ୍ଧ କର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସେଫ୍ଟି ରେଲୱେ କମିସନରଙ୍କ ସୋର-ରାଣୀତାଲ ଟ୍ରାକ୍ ପରିଦର୍ଶନ

ସୋର(ନିପ୍ର): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ସୋରଠାରୁ ରାଣୀତାଲ ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ୍‌ରେ ଗାଡି ଚଳାଚଳ ପାଇ ଦକ୍ଷିଣ-ପୂର୍ବ ସର୍କଲ ସେଫ୍ଟି ରେଲୱେ କମିସନର ବ୍ରିଜେଶ କୁମାର ମିଶ୍ର ପରିଦର୍ଶନ କରି ଏହି ନୂତନ ଲାଇନ୍‌ରେ ଦ୍ରୁତଗାମୀ ଗାଡ଼ି ୧୩୦ କି.ମିଟର ବେଗରେ ଟ୍ରେନ ଚଳାଚଳ କରିବାର କ୍ଷମତା ଥିବା ରେଳ ବିଭାଗକୁ ରିପୋର୍ଟ ପ୍ରଦାନ କରିଛନ୍ତି । ଗତ କାଲି ଏବଂ ଆଜି ଦୁଇଦିନ ଧରି ଶ୍ରୀ ମିଶ୍ର ଏବଂ ତାଙ୍କ ସହିତ ଜେନେରାଲ ମ୍ୟାନେଜର ଅନୀଲ କୁମାର ମିଶ୍ର, ଖଡ଼ଗପୁର ଡିଆରଏମ୍ ଲଳିତ ମୋହନ ପାଣ୍ଡେ, ଆଦ୍ରା ଡିଆରଏମ୍ ମୁକେଶ ଗୁପ୍ତା, ଚକ୍ରଧରପୁର ଡିଆରଏମ ତୁଷାର ହୁରିଆ ଏବଂ ତାଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀମାନେ ସୋର ଷ୍ଟେସନକୁ ଟିକ୍ ?ନିକ୍ ପରିଦର୍ଶନ କରି ନିରାପତା ବ୍ୟବସ୍ଥାକୁ ପରୀକ୍ଷଣ କରିଥିଲେ । ବିଭିନ୍ନ ପୋଲ, ଓଭରବ୍ରିଜ୍, ରେଳ ଲାଇନ୍, ଲେବୁଲ କ୍ରସିଂ, ପେନାଲ ରୁମ୍, ପ୍ଲାଟର୍ମ ଆଦି ପରିଦର୍ଶନ କରିଥିଲେ । ଏଥି ସହିତ ସୋରଠାରୁ ରାଣୀତାଲ ପର୍ଯ୍ୟନ୍ତ ୨୦୨୩ ମସିହାରୁ ଆରମ୍ଭ ହୋଇ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ୩ୟ ଲାଇନ୍ ?ରେ ଏକ ଦ୍ରୁତଗାମୀ ଟ୍ରେନ ଚଳାଚଳ କରି ଏହାର ବେଗ ନିର୍ଣ୍ଣୟ କ୍ଷମତା ନିର୍ଦ୍ଧାରଣ କରିଥିଲେ । ଏହି ସମୟରେ ତାଙ୍କ ସହିତ ସମସ୍ତ ରେଳ ଅଧିକାରୀ, କର୍ମଚାରୀ ଯୋଗଦେଇ ଏକ ଟ୍ରେନରେ ବାରମ୍ବାର ସୋରରୁ ରାଣୀତାଲ ପର୍ଯ୍ୟନ୍ତ ଯାହାୟାତ କରିଥିଲେ । ଆମନ୍ତା ୨୦ ତାରିଖ ଠାରୁ ୩ୟ ଲାଇନ୍‌ରେ ଗାଡ଼ି ଚଳାଚଳ କରିବ ବୋଲି ଜଣାଯାଇଛି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ବୈଠକ



ବୈଶିଙ୍ଗା(ନିପ୍ର): ବେତନଟୀ ରେଳଷ୍ଟେସନ ପ୍ରାଙ୍ଗଣରେ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ଜରୁରୀ ବୈଠକ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ରାଜ୍ୟସଂଘରୁ ଆସିଥିବା ସକୁଲାର ପଠନକରି ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ତଦନୁଯାୟୀ ଆଗାମୀ ୧୧ ଅପ୍ରେଲ ମୟୂରଭଂଜ ଜିଲ୍ଲା ସଂଘର ବୈଠକ ବାରିପଦା ସ୍ୱାଗତିକା ହଲ୍‌ରେ ଯୋଗଦାନ, ଅପ୍ରେଲ ୨୧ ତାରିଖ ରାଜଧାନୀ ଚାଲ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଠାରେ ବିଶାଳ ରାଲିରେ ଅଂଶଗ୍ରହଣ ଏବଂ ମଇ୧୩ ତାରିଖ ଭୁବନେଶ୍ୱରରେ ଧାରଣା ରେ ବ୍ଲକ୍‌ସଂଘ ଯୋଗଦେବାର ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲ୍ଲା ସଂଘର କର୍ମକର୍ତା ରବୀନ୍ଦ୍ରନାଥ ମିଶ୍ର ଓ ଦୁର୍ଯ୍ୟାଧନ ସିଂ ବକେୟା ୧୮% ମହଙ୍ଗା ଭତା, ବନ୍ଦ ଥିବା ବରିଷ୍ଠଙ୍କ ରେଳ ଭଡାରେ ରିହାତି, କମ୍ୟୁଟେଡ୍ ପେନସନ ୧୫ ରୁ ୧୧ ବର୍ଷକୁ ହ୍ରାସ, ଚିକିତ୍ସା ଭତା ପ୍ରଦାନ, ପେନସନ ବିଭାଗର ପୁନଃ ପ୍ରଚଳନ ଆଦି ଦାବିମାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏଥି ନିମନ୍ତେ ଆଲୋଚନାରେ ହରେନ୍ଦ୍ରନାଥ ବାରିକ ବାସୁଦେବ ନାପିତ, ଅଜୟ କୁମାର କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର ସହଯୋଗ କରିଥିଲେ । ଶେଷରେ ସଂପାଦକ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋରୁ ଗାଡ଼ି ଅଟକାଇବାକୁ ଯାଇ ଜଣେ ମୃତ: ଜଣେ ଗୁରୁତର

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ଗୋରୁ ଗାଡି ଅଟକାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଜଣେ ଗୋରକ୍ଷକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଗୋରୁ ଚାଲାଣ ହେଉଥିବା ଖବର ପାଇ କିଛି ଯୁବକ ଗାଡିକୁ ଅଟକାଇବା ପାଇଁ ପିଛା କରିଥିଲେ । ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ପଂଚୁଲିଙ୍ଗେଶ୍ୱର ଅଂଚଳର ରୋ ରକ୍ଷକ କୃପାସିନ୍ଧୁ ବେହେରା ଓ ଲମ୍ବୋଧର ମହାପାତ୍ର ଏକ ବାଇକରେ ଗାଡିକୁ ପିଛା କରିଥିଲେ । ଗୋରୁ ବୋଝେଇ ଗାଡିଟି ଖନ୍ତାପଡା ନିକଟରେ ବାଇକ ଥିବା ୨ ଜଣ ଯୁବକଙ୍କୁ ଧକା ଦେଇ ଫେରାର ହୋଇଯାଉଥିବା ବେଳେ ଖନ୍ତାପଡା ପୁଲିସ ଗାଡିକୁ ଜବତ କରିଥିଲା । ଦୁର୍ଘଟଣାର ଶିକାର ହୋଇଥିବା ଯୁବକ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର କୃପାସିନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ ଓ ଲମ୍ବୋଦର ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଓ ପରେ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ପୋଲସରାରେ ପାଂଚ ମହାପୁରୁଷଙ୍କ ପ୍ରତିମୂର୍ତି ସ୍ଥାପନ



ପୋଲସରା(ନିପ୍ର): ପୋଲସରା ପାଇଁ ଏକ ସ୍ମରଣୀୟ ଦିବସ ପବିତ୍ର ଉତ୍କଳ ଦିବସ ଅବସରରେ ପୋଲସରା ସ୍ଥିତ ଲିଙ୍ଗରାଜ ବାଳିକା ହାଇସ୍କୁଲ ପରିସରରେ ପାଂଚ ଜଣ ବରପୁତ୍ରଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଛି । ସେମାନେ ହେଉଛନ୍ତି ନ୍ୟାୟମୂର୍ତି ଲିଙ୍ଗରାଜ ପାଣିଗ୍ରାହୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଖଲ୍ଲିକୋଟ ଆଠଗଡ଼ ରାଜା ହରିହର ମର୍ଦ୍ଦରାଜ । ଏଥିରେ ଉତ୍କଳ ସ୍ୱାଭିମାନ ମଂଚ, ପୁରୀର ସଭାପତି ରାଧାକାନ୍ତ ଦାସଙ୍କ ସମେତ ନିରଞ୍ଜନ ତ୍ରିପାଠୀ, ଲକ୍ଷ୍ମୀଧର ସାମନ୍ତରା, ପ୍ରଭାକର ସାମନ୍ତରା, ଆର୍ତତ୍ରାଣ ମଲ୍ଲିକ, ସ୍ୱରରାଜ ମିଶ୍ର, ସୂର୍ଯ୍ୟକାନ୍ତ ଦାସ, ଅଧାପକ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପାଂଚ ବରପୁତ୍ରଙ୍କୁ ଭକ୍ତିପୂତ ଭାବେ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ଉତରୀୟ ପ୍ରଦାନ ଏବଂ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।ପରେ ଆୟୋଜିତ ସଭାରେ ମଂଚ ସଭାପତି ଶ୍ରୀଯୁକ୍ତ ଦାସ ବରପୁତ୍ରଙ୍କ କର୍ମମୟ ଜୀବନ ମଧରେ ଓଡ଼ିଶା ରାଜ୍ୟ ଉନ୍ନତି ଏବଂ ବିକାଶ, ଭାଷା ଓ ସାହିତ୍ୟ ପ୍ରତି କରିଯାଇଥିବା ଅମୂଲ୍ୟ ନିଃସ୍ୱାର୍ଥପର ସେବା ଓ ସହଯୋଗ ସ୍ୱରୂପ ଅବଦାନ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଦିବସ ଏହି ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେବାକୁ ଉପସ୍ଥିତ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମଟି ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମିୟ ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା । ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ/ସଭ୍ୟା ଏବଂ ଅଭିଭାବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କବିବର ରାଧାନାଥ ରାୟଙ୍କ ୧୧୮ତମ ଶ୍ରାଦ୍ଧ ଓ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ

ସୋର(ନିପ୍ର): ସୋର ରାଧାନାଥ ପାଠାଗାର ଓ ଓଡିଆ ଭାଷା ସାହିତ୍ୟ ଓ ସାଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୧୮ ତମ ଶ୍ରାଦ୍ଧ ଓ ୮୧ ତମ ସାଂସ୍କୃତିକ ସମାରୋହ ୨୦୨୬ ଉଦ୍ ଉଦଘାଟିତ ହୋଇ ଯାଉଛି । ବିଶିଷ୍ଟ ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭା ଡ. ନଟବର ଶତପଥି କହିଲେ ଯେ ସୌନ୍ଦର୍ଯ୍ୟକୁ ଆହୁରି ସୌନ୍ଦର୍ଯ୍ୟମୟ କରି ରାଧାନାଥ କାବ୍ୟା ମୋଦି ପାଠକ ମାନଙ୍କୁ ଏକ ଶାଶ୍ୱତ ବାର୍ତା ପ୍ରଦାନ କରିଥିଲେ, ଯାହା ଓଡିଆ ସାହିତ୍ୟକୁ ଏ ଯାବତ ସମୃଦ୍ଧ କରିଆସୁଅଛି । ଓଡିଆ ସାହିତ୍ୟରେ ରାଧାନାଥଙ୍କ ଆନୁପ୍ରାସିକ ଦିଗକୁ କେହି ଅତିକ୍ରମ କରି ପାରି ନାହାନ୍ତି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ କହିଲେ ଯେ ଓଡିଆ ଭାଷା ପରିପ୍ରେକ୍ଷୀରେ ରାଧାନାଥଙ୍କ ସାହିତ୍ୟ ଚର୍ଚ୍ଚା ଆମ ଅସ୍ମିତା ପ୍ରକାଶରେ ସହାୟକ ହେବ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ଶିରୀଶ ଜେନା କହିଲେ ଯେ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ ରଚିତ ରାଧାନାଥଙ୍କ ସାହିତ୍ୟ ସମ୍ଭାର ଆମର ହୋଇ ରହିଥିବ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଧାନାଥ ପାଠାଗାର ସଭାପତି ପର୍ଶୁରାମ ଧଡ଼ା ଏଥିରେ ପୌରୋହିତ୍ୟ କରି କହିଲେ ଯେ ରାଧାନାଥଙ୍କ କାବ୍ୟ ସାହିତ୍ୟି ସୋର ମାଟିକୁ ଧନ୍ୟ କରିଛି । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଚୈତାଳି ଉନ୍ମୋଚିତ ହୋଇଥିଲା । ଡ. ଶତପଥିଙ୍କୁ ଚଳିତ ବର୍ଷର 'ରାଧାନାଥ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା । ମନ୍ମଥ ଦିକ୍ଷିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନବକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପୁଷ୍ପାଞ୍ଜଳି ନାୟକ କବି ବନ୍ଦନା ଗାନ କରିଥିଲେ । ସଂପାଦକ ଦାମୋଦର ଦାଶ ମହାପାତ୍ର ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ ।

# ଗ୍ରୀଷ୍ମ ପୂର୍ବରୁ ପାଣି ସଙ୍କଟର ଭୟ: ୯ବର୍ଷ ଧରି କାର୍ଯ୍ୟକ୍ଷମ ହେଉନାହିଁ ପ୍ରକଳ୍ପ



ଧାମନଗର(ନିପ୍ର): ସରକାରଙ୍କ 'ବସୁଧା ଯୋଜନା'ରେ ଗ୍ରାମାଂଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇ ଥିବା ସତ୍ତ୍ୱେ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଂଚାୟତରେ ଏହାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳିଛି । ପଂଚାୟତର ରାଧାବଲ୍ଲଭପୁର, ଝାଟିଆସାହି ଓ ଷୋଳଗାଁ ଗ୍ରାମରେ ପ୍ରାୟ ୯ ବର୍ଷ ପୂର୍ବେ ନିର୍ମିତ ୩ଟି ୧ ଲକ୍ଷ ଲିଟର କ୍ଷମତାର ପାଣି ଟାଙ୍କି ଆଜି ପର୍ଯ୍ୟନ୍ତ ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ । ଯୋଜନା ଅନୁଯାୟୀ ଘରେ ଘରେ ପାଇପ୍ ବିଛାଇ ପାଣି ଯୋଗାଣ ହେବାକୁ ଥିଲା, କିନ୍ତୁ ଏହା କାଗଜରେ ହିଁ ସୀମିତ ରହିଗଲା । ସୂଚନା ଅନୁଯାୟୀ ଠିକା ନେଇଥିବା ସଂସ୍ଥା ପାଇପ୍ ବିଛାଇବା ଓ ଟେପ୍ ସଂଯୋଗ କାମ ଅସମ୍ପୂର୍ଣ୍ଣ ରଖିଥିଲେ ମଧ୍ୟ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ବିଲ ଦେୟ ପ୍ରଦାନ କରାଯାଇଛି ସୂଚନା ମିଳିଛି । ଏହାର ପରିଣାମରେ ଏପର୍ଯ୍ୟନ୍ତ କାହାରିକୁ ଟାଙ୍କିରୁ ଗୋଟିଏ ବାଲ୍ଟି ପାଣି ମଧ୍ୟ ଯୋଗାଣ ହୋଇନାହିଁ । ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଲା ପାଣି ଯୋଗାଣ ବନ୍ଦ ଥିଲେ ମଧ୍ୟ ମୋଟର ଅପରେଟରଙ୍କୁ ନିୟମିତ ବେତନ ଦିଆଯାଉଥିବା କଥା ସାମ୍ନାକୁ ଆସିଛି, ଯାହା ଯୋଜନାରେ ଗୁରୁତର ଅନିୟମିତତାକୁ ସୂଚିତ କରୁଛି । ଏପରି ସ୍ଥିତିରେ ପୁରୁଣା ପ୍ରକଳ୍ପକୁ ସଚଳ କରାଯାଇନଥିବା ସତ୍ତ୍ୱେ ରାଧାବଲ୍ଲଭପୁର ଗ୍ରାମର ସାହୁସାହି ଅଂଚଳରେ ପୁଣି ଏକ ସୋଲାର ଚାଳିତ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଛି । ଏହା ଠିକାଦାର ପୋଷଣ ଓ ସରକାରୀ ଟଙ୍କା ଅପଚୟ ନେଇ ସ୍ଥାନୀୟ ଲୋକଙ୍କ କହିଛନ୍ତି । ଏହି ପଂଚାୟତର ୧୦ ଟି ୱାର୍ଡ ଓ ବୟାଙ୍ଗିଡିହ ପଂଚାୟତର ୧ ଟି ୱାର୍ଡର ପ୍ରାୟ ୬ ହଜାର ଲୋକ ଆଜିବି ଶୁଦ୍ଧ ପାଣି ପାଇବାରୁ ବଂଚିତ ହେଉଛନ୍ତି । ଗ୍ରୀଷ୍ମଋତୁ ନିକଟାସନ୍ନ ହେଉଥିବା ବେଳେ ପାଣି ସମସ୍ୟା ଆହୁରି ବଢ଼ିବାର ଭୟ ସୃଷ୍ଟି ହୋଇଛି । ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ଏହା ଗୁରୁତର ଜଳ ସଙ୍କଟର ରୂପ ନେଇପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି । ତେବେ ସରକାରଙ୍କ ବସୁଧା ଯୋଜନା ଗ୍ରାମରେ କେବଳ ନାମମାତ୍ର ରହି ଯାଇଥିବା ବେଳେ, ଏହି ଘଟଣା ପ୍ରଶାସନର କାର୍ଯ୍ୟପ୍ରଣାଳୀ ଉପରେ ଗଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଯିଏ ଏବେ ଦାଇତ୍ୱ ରେ ଅଛନ୍ତି ତାଙ୍କ ର ଦାଇତ୍ୱ ହୀନତା ଯୋଗୁ ଏପରି ପରିସ୍ଥିତି ଦେଖିବାକୁ ମିଳୁଛି । ତେବେ ସମସ୍ୟା ର ସମାଧାନ ଖୁବ ଶୀଘ୍ର ହେବ ବୋଲି ବିଭାଗୀୟ ଏସ ଡି ଓ କହିଛନ୍ତି ।

# ୩୩ତମ ଜିଲ୍ଲା ପ୍ରତିଷ୍ଠା ଦିବସ ଧୂମଧାମରେ ପାଳିତ




ନୟାଗଡ଼(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧୂମଧାମରେ ୩୩ତମ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମରେ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ମଧୁମିତା ରଥ ସଭାପତିତ୍ୱ କରିଥିଲେ । ପ୍ରଥମେ ଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ପରେ ନୟାଗଡ ବନ୍ଦନା ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ବେହେରା, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ ଏବଂ ମ୍ୟୁନିସିପାଲଟି ଅଧକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ରହିଥିଲେ । ନୟାଗଡ଼ ଜିଲ୍ଲାର ସୁଗୌରବ ଇତିହାସ ଓ ବିକାଶ ଧାରାକୁ ନେଇ ଅତିଥିମାନେ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଗଠନ ପରଠାରୁ ଏପର୍ଯ୍ୟନ୍ତ ହୋଇଥିବା ପ୍ରଗତି ଏବଂ ଆଗାମୀ ଦିନର ରୋଡ ମ୍ୟାପ୍ ଉପରେ ଆଲୋକ ପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ରାମ କୃଷ୍ଣ ରଥ ମଂଚ ସଂଯୋଜନା କରିଥିଲେ । ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



# ଚାଷୀଙ୍କ ରାସ୍ତା ଅବରୋଧ

ସୋର(ନିପ୍ର): ସୋର ବ୍ଲକ ନଦୀଗାଁ ସମବାୟ ସମିତିରେ ନିର୍ଦ୍ଧାରିତ ଧାନ କିଣା ଦାବିରେ ନଦୀଗାଁ, ସରଶଂଖ, ଆଟପୁର, ନିଶ୍ଚିନ୍ତପୁର, ମଧୁସୂଦନପୁର ପଂଚାୟତର ପାଖାପାଖି ୧୦୦ ଚାଷୀ ସୋର-କୁପାରି ରାସ୍ତା ନଦୀଗାଁ ଛକରେ ଧାନ ବସ୍ତା ରଖି ଧାରଣା ୧୨୮୯ ପଞ୍ଜିକୃତ ଚାଷୀଙ୍କ ପାଇଁ ୩୭୫୦୦ କ୍ୱି[ାଲ ଧାନ କିଣାବା ପାଇଁ ସରକାରୀ ଭାଷଣା କରାଯାଇଥିଲା । ମାତ୍ର ୩୫୩୩୮ କ୍ୱି[ାଲ ଧାନ କିଣିବା ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା । ଫଳରେ ୮୫ ଚାଷୀଙ୍କର ବଳକା ୨୧୬୨ କ୍ୱି[ାଲ ଧାନ ବିକ୍ରି ହୋଇ ନପାରି ରହିଯାଇ ଥିବାରୁ ଗତକାଲି ନଦୀଗାଁ ସମବାୟ କର୍ମଚାରୀ ତପନ କୁମାର ସେଠୀ ଏବଂ ସଭାପତି କରୁଣାକର ଖୁ[ିଆ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ୫୦୦ କ୍ୱି[ାଲ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଆଜି ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ସଂପୂର୍ଣ୍ଣ ଧାନ ନେବା ପାଇଁ ଅଡ଼ି ବସିବା ସହିତ ଅନନ୍ତପୁର-କୁପାରୀ ରାଜ୍ୟ ରାଜ୍ୟପଥ ନଦୀଗାଁଠାରେ ଅବରୋଧ କରି ରାସ୍ତା ଉପରେ ଧାନ ରଖି ସରକାର ବିରୋଧୀ ନାରା ଦେଇ ରାସ୍ତା ଉପରେ ବସି ରହିଥିଲେ । ଏହି ଆନ୍ଦୋଳନ ଦୀର୍ଘ ୩ ଘଂଟା ଧରି ଚାଲିଥିବା ବେଳେ ଅଧିକ ୧ହଜାର କ୍ୱିଂଟାଲ କିଣିବା ପାଇଁ ନିର୍ଦ୍ଦେଶ ଆସିବା ପରେ ଚାଷୀମାନେ ଶାନ୍ତ ପଡ଼ିବା ସହିତ ଅବରୋଧ ହଟିଥିଲା । ଏହି ଧାରଣାରେ ଚାଷୀ ପ୍ରଫୁଲ୍ଲ ଶିଅଳ, ଆରତି ସାହୁ, ତୁଳସୀ ମଳିକ, ସୁରେନ୍ଦ୍ର ଜେନା, ଶୁଭସ୍ମିତା ସାହୁ, ପ୍ରଫୁଲ୍ଲ କୁମାର ବେହେରା, ମନୋରଂଜନ ସାହୁ, ଜିଲା ପରିସଦ ସଦସ୍ୟ ଜୟନ୍ତ ସ୍ୱାଇଁ, ସଭାପତି ଖୁଂଟିଆ, ନୀଳାମ୍ବର ସାହୁ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।

# ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ଜଳକୁଣ୍ଡର ବ୍ୟବସ୍ଥା

ଝାରସୁଗୁଡ଼ା(ନିପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ବଢୁଥିବା ବେଳେ ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଝାରସୁଗୁଡ଼ା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ 'ଜଳଛତ୍ର' ଉଦ୍‌ଘାଟନ କରିଛନ୍ତି । ଖରା ସମୟରେ ବାହାରକୁ ଆସୁଥିବା ପଥଚାରୀ ଓ ସାଧାରଣ ଜନତାଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, "ଲୋକଙ୍କ ସୁଖ-ଦୁଃଖରେ ସାମିଲ ହେବା ଏବଂ ସାଧାରଣ ଜନତାଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶାସନର ମୂଳମନ୍ତ୍ର । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଇଁ ପାନୀୟ ଜଳର ସୁବିଧା କରିବା ଏକ ମାନବୀୟ ସେବା । ଆମର ଏହି ପ୍ରୟାସ ଝାରସୁଗୁଡ଼ା ବାସୀଙ୍କୁ ଖରା ଦାଉରୁ ରକ୍ଷା କରିବାରେ ସହାୟକ ହେବ ।" ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଭିଜନ ଅନୁଯାୟୀ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ସେବା ପହଂଚାଇବାକୁ ପ୍ରଶାସନ ସର୍ବଦା ତତ୍ପର ବୋଲି ସେ ପ୍ରକାଶ କରିଛନ୍ତି । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌର ପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ପୌର



ପାଳିକାର କର୍ମଚାରୀ, ସହରର ବୁଦ୍ଧିଜୀବି, ବିଭିନ୍ନ ୱାର୍ଡର କାଉନସିଲର, ଜଳ ସାଥୀ, ଜନସାଧାରଣ ଏବଂ ଜିଲ୍ଲା ପ୍ରଶାସନର କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଆଜି ପୌରପାଳିକା ଅଂଚଳରେ ପ୍ରାଥମିକ ଭାବେ ୫ଟି ଜଳଛତ୍ର କାର୍ଯ୍ୟକ୍ଷମ ହୋଇଛି । ଆଗାମୀ ୩ ରୁ ୪ ଦିନ ମଧ୍ୟରେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ଛକମାନଙ୍କରେ ସମୁଦାୟ ୩୩ ଟି ଜଳଛତ୍ର ଖୋଲାଯିବା ନେଇ ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହ ଝାରସୁଗୁଡ଼ା ପୌର ପାଳିକା ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ବୁଲା ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ପାନୀୟଜଳ କୁଣ୍ଡର ବ୍ୟବସ୍ଥା କରାଯାଇଅଛି । ଏଥିସହ ପୌର ପାଳିକା ପକ୍ଷରୁ ଜନସାଧାରଣଙ୍କୁ ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଦିନର ପରୀକ୍ଷା ସମୟରେ (ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା) ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ନ ବାହାରିବା, ସାଙ୍ଗରେ ପାଣି ବୋତଲ ରଖିବା ଏବଂ ଖରା ଦାଉରୁ ରକ୍ଷା ପାଇବା ପାଇଁ ସରକାରୀ ନିୟମାବଳୀ ପାଳନ କରିବାକୁ ନିବେଦନ କରାଯାଇଛି । ସହରବାସୀ ନିଜ ଘର ସମ୍ମୁଖରେ ମଧ୍ୟ ପଶୁପକ୍ଷୀଙ୍କ ପାଇଁ ପାଣି ପାତ୍ର ରଖିବାକୁ ପୌରପାଳିକା ପକ୍ଷରୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ 'ଜଳ ସାଥୀ' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନଙ୍କ ଜରିଆରେ ଜଳଛତ୍ରର ପରିଚାଳନା କରାଯିବ ।

# ସି.ଏମ୍.ଡି. କାଓଲେ ଉଦ୍‌ଘାଟନ କଲେ ଅମ୍ରିତ୍ ଫାର୍ମାସି

ସମ୍ବଲପୁର(ନିପ୍ର): ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ୍ (Affordable medicines and reliable implants for treatment) ଫାର୍ମାସି ଉଦଘାଟନ କରିଛି । ଏମ୍.ସି.ଏଲର ସି.ଏମ୍.ଡି. ଉଦୟ ଅନନ୍ତ କାଓଲେ ଏହି ଅମ୍ରିତ୍ ଫାର୍ମାସୀକୁ ଉଦଘାଟନ କରିଥିଲେ । କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଏ.କେ ବେହୁରା, ନିର୍ଦ୍ଦେଶକ (ଅର୍ଥ), ପି.କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ), ସଞ୍ଜୟ କୁମାର ଝା, ନିର୍ଦ୍ଦେଶକ (ବୈଷୟିକ)ଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଡାକ୍ତରୀ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ । ଅମ୍ରିତ୍ ଫାର୍ମାସି ହେଉଛି ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପଦକ୍ଷେପ, ଯାହା ୨୦୧୫ ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆରମ୍ଭ ହୋଇଥିଲା ଏବଂ ଏହା ଏଚ.ଏଲ.ଏଲ ଲାଇଫକେୟାର୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଅଟେ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ, ପ୍ରତିରୋପଣ ଏବଂ ଅସ୍ତ୍ରୋପଚାରକୁ ଅତ୍ୟଧିକ ରିହାତି ଦରରେ (ପ୍ରାୟତଃ ବଜାର ମୂଲ୍ୟଠାରୁ ୫୦% ରୁ ୯୦% ପର୍ଯ୍ୟନ୍ତ ରିହାତି) ଉପଲବ୍ଧ କରାଇ ଚିକିତ୍ସା ଉପରେ ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା ଅଟେ । ଏମ୍.ସି.ଏଲରେ ଅମ୍ରିତ୍ ଫାର୍ମାସି ପ୍ରତିଷ୍ଠା ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥାଏ । ଏହି ପଦକ୍ଷେପ କର୍ମଚାରୀ କଲ୍ୟାଣ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ଏମ୍.ସି.ଏଲର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ ଏବଂ ସୁଲଭ ସ୍ୱାସ୍ଥ୍ୟ ସେବାକୁ ମଜବୁତ କରିବାର ରାଷ୍ଟ୍ରୀୟ ଲକ୍ଷ୍ୟ ସହିତ ଅନୁରୂପ ଅଟେ ।

# ସ୍ୱାକ୍ଷର ସମ୍ବଳିତ ଅନାସ୍ଥା ପ୍ରସ୍ତାବ ଉପ-ଜିଲ୍ଲାପାଳଙ୍କୁ ପ୍ରଦାନ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତନା ଗ୍ରାମପଂଚାୟତରେ ରାଜନୈତିକ ହଟଚମଟ ଦେଖାଦେଇଛି । ବର୍ତ୍ତମାନର ସରପଂଚ ମଧୁସ୍ମିତା ବେହେରାଙ୍କ ବିରୋଧରେ ଦୁର୍ନୀତି ଓ ସ୍ୱେଚ୍ଛାଚାରିତାର ସଂଗୀନ ଅଭିଯୋଗ ଆଣି ପଂଚାୟତର ମୋଟ ୧୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଭ୍ୟ ଏକାଠି ହୋଇ ଅନାସ୍ଥା ପ୍ରସ୍ତାବ ପାଇଁ ଆଜି ଉପ-ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଭ୍ୟଙ୍କ ଉପସ୍ଥିତି: ଆଜି ତାରିଖ ୦୨/୦୪/୨୦୨୬ ରିଖରେ ବର୍ତନା ପଂଚାୟତର ୧୧ ଜଣ ନିର୍ବାଚିତ ୱାର୍ଡ ସଭ୍ୟ ଓ ସଭ୍ୟାବୃନ୍ଦ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ଏକ ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ ପ୍ରଦାନ କରିଛନ୍ତି । ଏହି ଅନାସ୍ଥା ପ୍ରସ୍ତାବରେ କାଳିଚରଣ ପାଳ (ୱାର୍ଡ ନଂ-୧୨), ଗଣେଶଚନ୍ଦ୍ର ସାମଲ (ୱାର୍ଡ ନଂ-୬), ତ୍ରିଲୋଚନ ସେଠୀ (ୱାର୍ଡ ନଂ-



୫), ବିଜୟ କୁମାର ସାମଲ (ୱାର୍ଡ ନଂ-୪), ରଞ୍ଜିତା ବିର (ୱାର୍ଡ ନଂ-୧୧), ମିନତି ବେହେରା (ୱାର୍ଡ ନଂ-୮), ଦ୍ରୁପଦି ଟୁଟୁ (ୱାର୍ଡ ନଂ-୧୦), କସ୍ତୁରୀ ଜେନା (ୱାର୍ଡ ନଂ-୭), ମଞ୍ଜରୀ ଧଳ (ୱାର୍ଡ ନଂ-୧), ମମତା ଦଳାଇ (ୱାର୍ଡ ନଂ-୩) ଏବଂ ସୁଷମା ରାଣୀ ଜେନା (ୱାର୍ଡ ନଂ-୧୩) ପ୍ରମୁଖ ସାମିଲ ଅଛନ୍ତି । ମୁଖ୍ୟ ଅଭିଯୋଗ: ସଭ୍ୟମାନଙ୍କ ଅଭିଯୋଗ ଅନୁଯାୟୀ, ସରପଂଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସରକାରୀ ନିୟମ ଉଲ୍ଲଂଘନ କରି ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିଛନ୍ତି । ଏହାସହ ଆବାସ ଯୋଜନା, ରାସ୍ତା ଓ ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସେମାନେ ଦର୍ଶାଇଛନ୍ତି । ପଂଚାୟତ ପରିଚାଳନାରେ ସରପଂଚ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରୀ ଆଚରଣ ପ୍ରଦର୍ଶନ କରିବା ସହ ୱାର୍ଡ ସଭ୍ୟମାନଙ୍କୁ କୌଣସି ଗୁରୁତ୍ୱ ଦେଉନାହାନ୍ତି । ଓଡ଼ିଶା ଗ୍ରାମପଂଚାୟତ ଆଇନ, ୧୯୬୪ର ଧାରା ୨୪ ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି । ସଂଖ୍ୟାଗରିଷ୍ଠ ସଭ୍ୟ (୧୩ରୁ ୧୧ ଜଣ) ଏହି ପ୍ରସ୍ତାବକୁ ସମର୍ଥନ କରିଥିବାରୁ, ସରପଂଚଙ୍କ ପଦବୀ ଏବେ ସଙ୍କଟରେ ପଡ଼ିଛି । ଏହି ବିଷୟରେ ତୁରନ୍ତ ପଦକ୍ଷେପ ନେଇ ଏକ ସ୍ୱତନ୍ତ୍ର ବୈଠକ ଡକାଇବାକୁ ସଭ୍ୟମାନେ ନିବେଦନ କରିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଉଖୁଣ୍ଡା ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଉଖୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଛି ବିଦ୍ୟାଳୟର ୩୧ତମ ବର୍ଷିକ ଉତ୍ସବ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଭକ୍ତବନ୍ଧୁ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୂଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ସହକାରୀ ଶିକ୍ଷୟିତ୍ରୀ ଏ.ବି.ସି.ଡି.ଆ.ସରକାରୀ ଉଚ୍ଚ ବିଦ୍ୟାଳୟ, ଅଙ୍ଗିକଳା ତଥା ସୁନାମଧନ୍ୟା ଉପସ୍ଥାପିକା ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ଓ ଆକାଶବାଣୀ କେନ୍ଦୁଝର କଣ୍ଠଶିଳ୍ପୀ(ହିନ୍ଦୁସ୍ଥାନ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ)ସମୟଶ୍ରୀ ଚାଟାର୍ଜୀ । ମୂଖ୍ୟ ଅଥିତି ଭାବେ ଯୋଗ ଦେଇ ଶିକ୍ଷା ସଂସ୍କୃତି ଅନୁଶାସନ ଆଚରଣ ଆଧାତ୍ମିକତାରେ ଶିଶୁ ମନ୍ଦିରର ଭୂମିକା ଅତୁଳନୀୟ । ସମାଜରେ ଶିକ୍ଷା ସଂସ୍କୃତି ଏବଂ ସଂସ୍କାର ପ୍ରଦାନର ମାଧ୍ୟମ ସାଜିଛି ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମ୍ପାଦକ ଉଖୁଣ୍ଡା ଶିଶୁ ବିଦ୍ୟା ମନ୍ଦିର ଗୁଣନିଧି ମହାନ୍ତ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଗୋପାଳ ଚନ୍ଦ୍ର ପାତ୍ର ଅତିଥୀ ପରିଚୟ ଓ ସ୍ୱାଗତ ଅଭିଭାଷଣ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ବିଭାଗରେ କୃତିତ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥୀ ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଶିଶୁ ବିଦ୍ୟା ମନ୍ଦିର ର ଗୁରୁଜୀ ଗୋପାଳ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରଶଙ୍ଖ ତାରିଣୀ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ

ସୋର(ନିପ୍ର): ସୋର ବ୍ଲକ ସରଶଙ୍ଖସ୍ଥିତ ମା'ତାରିଣୀ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତକାଲି ଅଧିବାସ ଏବଂ ଆଜି ପୂର୍ବାହ୍ନରେ ୫୧ ଗୋଟି କଳସ ଶୋଭାଯାତ୍ରାରେ ଆସି ମନ୍ଦିର ନିକଟରେ ପହଂଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ନୃସିଂହ ଚରଣ ମିଶ୍ରଙ୍କ ଦ୍ୱାରା ବାସ୍ତୁପୂଜା, ସୂର୍ଯ୍ୟ ପୂଜା, ଗଣପତି ପୂଜା, ବିଷ୍ଣୁପୁଜା ଆଦି କାର୍ଯ୍ୟକ୍ରମ ପରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁସ୍ତକ ଆଚାର୍ଯ୍ୟ କୌସ୍ତୁଭ ଭୂଷଣ ମିଶ୍ର, ବେଣୁଧର ମିଶ୍ର, ଦୀନବନ୍ଧୁ ପଣ୍ଡା, ବାସ୍ତୁ ପୂଜକ ମନ୍ମଥ ମିଶ୍ର, ଗଣପତି ପୂଜକ ଦିବାକର ପଣ୍ଡା, ବିଷ୍ଣୁ ପୂଜକ ଜନାର୍ଦନ ପଣ୍ଡା, ଦେବୀ ପୂଜକ ବିଶ୍ୱନାଥ ମିଶ୍ର ଏବଂ ନୀତି ପୂଜକ ପରେଶ କୁମାର ମିଶ୍ର, ସୁରେଶ ମିଶ୍ର, ହୃଷିକେଶ ମିଶ୍ର ଏବଂ ପ୍ରଶାନ୍ତ କୁମାର ମିଶ୍ର ସହଯୋଗ କରିଥିଲେ । ଏହି ଯଜ୍ଞରେ ଆଖପାଖ ଅଂଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଏହାକୁ ସରଶଙ୍ଖ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ କଲେ ସରକାରୀ ଅଧିକାରୀ ଓ କର୍ମଚାରୀ



ଯାଜପୁର(ନିପ୍ର): ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଏପ୍ରିଲ ୨ ଏବଂ ୩ ରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଉଛି । ଏହାର ଥିମ୍ ରହିଛି 'ଆମ ପୋଷାକ, ଆମ ପରିଚୟ' । ଯାଜପୁରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହାକୁ ଆନ୍ତରିକତାର ସହ ପାଳନ କରାଯାଇଛି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଗଣ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ । ସମ୍ବଲପୁରୀ ବସ୍ତ୍ର, ଶାଢ଼ୀ, ଖଦି ପୋଷାକ, ବ୍ରହ୍ମପୁରୀ ଇତ୍ୟାଦି ପାରମ୍ପରିକ ହାତବୁଣା ଓଡ଼ିଆ ପୋଷାକ ପରିଧାନ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫ୍ଲାଗପୋଷ୍ଟ ନିକଟରେ ସମସ୍ତେ ଏକତ୍ରିତ ହୋଇ ଫଟୋ ସେସନ୍ କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ । ପାରମ୍ପରିକ ପୋଷାକ ପରିଧାନ ଯୋଗୁଁ କାର୍ଯ୍ୟାଳୟରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥିଲା । ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ କାରିଗରୀକୁ ପ୍ରୋତ୍ସାହନ ଦେବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥିଲା ।

# ମହାନ୍ ସଂଘ୍ ପକ୍ଷରୁ 'ଯୋଗ ମହୋତ୍ସବ - ୨୬' ଅନୁଷ୍ଠିତ

ବ୍ରହ୍ମପୁର(ନିପ୍ର): ଯୋଗ ସୁସ୍ଥ ମସ୍ତିଷ୍କ ଗଠନ ସହ, ମଣିଷ କୁ ବିକଶିତ ହେବାରେ ସହାୟକ ହୋଇଥାଏ । ବର୍ତ୍ତମାନ ସମାଜରେ ଯେପରି ବିଭିନ୍ନ ପ୍ରକାର ରୋଗ ବ୍ୟାଧି ବଢ଼ିବାରେ ଲାଗିଛି, ସେଥିରୁ ମୁକ୍ତି ନିମନ୍ତେ ଯୋଗ ଅଭ୍ୟାସ ଏକ ମାତ୍ର ରାସ୍ତା । ଉପଯୁକ୍ତ ସ୍ୱାସ୍ଥ୍ୟ ଗଠନ ଦ୍ୱାରା ସୁସ୍ଥ ନାଗରିକ ସୃଷ୍ଟି ସହ ସୁସ୍ଥ ବିକଶିତ ଦେଶ ନିର୍ମାଣ ହୋଇପାରିବ । ଏଣୁ ଆବାଳ ବୃଦ୍ଧ ବନିତା, ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ, ନିୟମିତ ଯୋଗ ଅଭ୍ୟାସ କରିବା ନିମନ୍ତେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ପରାମର୍ଶ ରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷ ରୁ ମୋରଜି ଦେଶାଇ ନ୍ୟାସନାଲ ଇନଷ୍ଟିୟୁସନ ଫର୍ ଯୋଗା ତରଫରୁ ଯୋଗ ର ପ୍ରସାର




ପ୍ରଚାର ନେଇ ସାରା ଦେଶରେ ୧୦୦ ଟି ସହରରେ ୧୦୦ ଦିନ କାଉଂଟ ଡାଉନ୍ କାର୍ଯ୍ୟକ୍ରମ 'ଯୋଗ ମହୋତ୍ସବ-୨୬' ର ୭୯ ଡେ ଟୁ ଗୋ କାର୍ଯ୍ୟକ୍ରମ କୁ ଅଗ୍ରଣୀ ଅନୁଷ୍ଠାନ ମହାନ୍ ସଂଘ ତରଫରୁ ୩ ଏପ୍ରିଲ ରେ ସ୍ଥାନୀୟ ଗୁରୁକୁଳ ଇଂଟରନେସନଲ ପବ୍ଲିକ ସ୍କୁଲ ଠାରେ ସକାଳ ୭ ଘଟିକାରେ ଏହି ବିଶାଳ ଯୋଗ ଉତ୍ସବ ଆୟୋଜନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସଭାପତି ସୁଶାନ୍ତ କୁମାର ସାବତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ପ୍ରେସ କ୍ଲବ ସଭାପତି ଅଶୋକ ବ୍ରହ୍ମା, ବିଶ୍ୱନାଥ ପଟ୍ଟନାୟକ, ଡ଼ ସମେରନ୍ଦ୍ର ସାହୁ, ସୁଦୀପ ସାହୁ, ସାଂସଦ ଙ୍କ ପ୍ରତିନିଧି ଶ୍ରୀ ବାଲକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ । ବଯୋଗ ଆଚାର୍ଯ୍ୟ ପି ରାମା ରାଓ ପାତ୍ର, ଗୋପାଳ ସାହୁ, କେଦାରନାଥ ପଣ୍ଡା, ଯୋତି ପ୍ରସାଦ ସାହୁ, ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗ ତାଲିମ ଦେଇଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ସଭାପତି ସାବତ ପୁରସ୍କୃତ କରିଥିଲେ । ସାଧାରଣ ସମ୍ପାଦକ ପ୍ରସାନ୍ତ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ଅଧକ୍ଷ । ମଧୁଛନ୍ଦା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ମହାପାତ୍ର, ଅଲେଖ ଦାସ, ତପନ ପଣ୍ଡା, ସାଧନା ପାଢ଼ୀ, ଆଦିତ୍ୟ ରଥ, ମନୋରଞ୍ଜନ ପାଢ଼ୀ, ସସ୍ମିତା ମିଶ୍ର, ପ୍ରକାଶ୍ ଜନି, ସବିତା ସାହୁକାର, ଉମାଶଙ୍କର ପାଣି, ଇ ଭଗବାନ ବେହେରା, ସଞ୍ଜୟ ମାଝୀ ଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଗଣ ମାଧ୍ୟମ ବ୍ୟକ୍ତିତ୍ୱ ସମେତ ୧୦୦୦ରୁ ଉର୍ଦ୍ଧ୍ୱ ଚତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ଆଜି ବିହାର ଗସ୍ତ କରିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଏକ ଦିନିଆ ଗସ୍ତରେ ଶନିବାର ଦିନ ୪ ଏପ୍ରିଲ ବିହାର ଗସ୍ତ କରିବେ । ଏହି ଗସ୍ତ ସମୟରେ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବେ ।ଉପରାଷ୍ଟ୍ରପତିଙ୍କ ସଚିବାଳୟ ଶୁକ୍ରବାର ଜାରି ଏକ ବିବୃତିରେ ସୂଚନା ଦେଇଛି ଯେ ଉପରାଷ୍ଟ୍ରପତି ରାଧାକୃଷ୍ଣନ୍ ୪ ଏପ୍ରିଲରେ ବିହାର ଯାତ୍ରା କରିବେ । ଏହି ଗସ୍ତ ସମୟରେ, ଉପରାଷ୍ଟ୍ରପତି ମୋତିହାରୀସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ସେ ପଶ୍ଚିମ ଚମ୍ପାରଣରେ ଅବସ୍ଥିତ ଭିତିହାରୱା ଗାନ୍ଧୀ ଆଶ୍ରମ ମଧ୍ୟ ପରିଦର୍ଶନ କରିବେ ।

# ଜନ ବିଶ୍ୱାସ ବିଲ୍ ଏକ ବୈପ୍ଳବିକ ପଦକ୍ଷେପ - ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଜନ ବିଶ୍ୱାସ (ସଂଶୋଧନ) ବିଲ୍ ଏକ ବୈପ୍ଳବିକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିଶ୍ୱାସ ଆଧାରିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ 'ଜନ ବିଶ୍ୱାସ (ସଂଶୋଧନ) ବିଲ୍, ୨୦୨୬' ଏକ ବୈପ୍ଳବିକ ପଦକ୍ଷେପ । ଏହା କେବଳ ଏକ ଆଇନଗତ ସଂଶୋଧନ ନୁହେଁ, ବରଂ ଏହା ନାଗରିକ ଓ ଶାସନ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସରଳ ଓ ସୁଦୃଢ଼ କରିବାର ଏକ ନୂତନ ମାର୍ଗ । ୭୯ଟି କେନ୍ଦ୍ରୀୟ ଆଇନରେ ୭୮୪ଟି ବ୍ୟବସ୍ଥାର ସଂଶୋଧନ ଏବଂ ୧୦୦୦ରୁ ଅଧିକ ସାମାନ୍ୟ ବୈଷୟିକ ତ୍ରୁଟିକୁ ଅପରାଧମୁକ୍ତ କରିବା ନିଶ୍ଚିତ ଭାବେ 'ଇଜ୍ ଅଫ୍ ଲିଭିଂ' ଓ ' ଇଜ୍ ଅଫ୍ ଡୁଇଂ ବିଜନେସ୍ ' କୁ ନୂତନ ଶକ୍ତି ପ୍ରଦାନ କରିବ । ୨୩ଟି ମନ୍ତ୍ରଣାଳୟରେ ଏହି ସଂସ୍କାରର ବିସ୍ତାର ସାଧାରଣ ଜନତାଙ୍କ ପାଇଁ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ସୁଗମ ଓ ସ୍ୱଚ୍ଛ କରିବ । ଏକ ସଶକ୍ତ ଏବଂ ପ୍ରଗତିଶୀଳ ଭାରତ ଗଠନ ଦିଗରେ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ।








# ଜନଜାତୀୟ ଯୁବକଙ୍କ ଖେଳ ପ୍ରତିଭା ରାଷ୍ଟ୍ରର ଅମୂଲ୍ୟ ପୁଂଜି- ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ଯୁବକ, ବିଶେଷକରି ଜନଜାତୀୟ ସମୁଦାୟଙ୍କ ପ୍ରତିଭାଶାଳୀ ଖେଳାଳୀଙ୍କୁ ରାଷ୍ଟ୍ରର ଅମୂଲ୍ୟ ସାମାଜିକ ପୁଂଜି କହି ତାଙ୍କୁ ଖେଳରେ ସକ୍ରିୟ ଭାଗିଦାରୀ ଏବଂ ଉତ୍କୃଷ୍ଟତାର ଦିଗରେ ଆଗକୁ ବଢ଼ିବାର ଆହ୍ୱାନ କରିଛନ୍ତି । ଏକ ଲେଖା ମାଧ୍ୟମରେ ନିଜର ବିଚାର ସ୍ପଷ୍ଟ କରି ରାଷ୍ଟ୍ରପତି କହିଛନ୍ତି ଯେ ଭାରତର ଗ୍ରାମୀଣ ଏବଂ ବନ କ୍ଷେତ୍ରରେ ଉପସ୍ଥିତ ପ୍ରାକୃତିକ ପ୍ରତିଭାକୁ ଉଚିତ୍ ପ୍ରଶିକ୍ଷଣ ଏବଂ ସମ୍ବଳ ଜରିଆରେ ଦେଶ ଖେଳ ଜଗତରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିପାରେ ।

ରାଷ୍ଟ୍ରପତି ଜନଜାତୀୟ ଅଂଚଳର ପିଲାମାନଙ୍କୁ ସହଜ ଖେଳ ପ୍ରତିଭାର ଉଲ୍ଲେଖ କରି କହିଛନ୍ତି ଯେ ଏହା ପିଲାମାନଙ୍କ ସୀମିତ ସମ୍ବଳ ଥାଇ ମଧ୍ୟ ପ୍ରକୃତି ମଧ୍ୟରେ ନିଜର ଖେଳ ସଂସାର ନିର୍ମାଣ କରିପାରେ । ମାଟି, ଗଛ, ମଞ୍ଜି ଏବଂ ଅନ୍ୟ ପ୍ରାକୃତିକ ବସ୍ତୁର ଉପଯୋଗ କରି ସେ ଖେଳର ସାଧନ ପ୍ରସ୍ତୁତ କରନ୍ତି ଏବଂ ପୁରା ଉତ୍ସାହ ସହିତ ଖେଳନ୍ତି । ସେ ଉଦାହରଣ ଦେଇ ଓଡ଼ିଶାର ୧୫ ବର୍ଷୀୟ ଖେଳାଳୀ ଅଞ୍ଜଳି ମୁଣ୍ଡାଙ୍କ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬ରେ ଶାନଦାର ପ୍ରଦର୍ଶନ କରି ତିନି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏବଂ ଦେଶସାରାର ଯୁବକଙ୍କ ପ୍ରେରିତ କରିଛନ୍ତି । ସେ କହିଛନ୍ତି ଯେ ଏପରି ଉପଲବ୍ଧି ଏହା ସାବିତ କରେ ଯେ ଜନଜାତୀୟ କ୍ଷେତ୍ରରେ ପ୍ରତିଭାର କୌଣସି କମି ନାହିଁ, ଆବଶ୍ୟକତା ତାକୁ ଚିହ୍ନ ଏବଂ ଠିକ୍ ଦିଗ ଦେବା । ରାଷ୍ଟ୍ରପତି ଐତିହାସିକ ସନ୍ଦର୍ଭର ଉଲ୍ଲେଖ କରି କହିଛନ୍ତି ଯେ ଜନଜାତୀୟ ସମାଜରେ ତୀରଂଦାଜୀ ପରି ଖେଳ ବିଧାମାନଙ୍କ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଏବଂ ସମୃଦ୍ଧ ରହିଛି ।

# ୱିକେଟ୍ କିପର୍ ସଞ୍ଜୁ ସାମସନ୍‌ଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ଟିମ ଇଣ୍ଡିଆ ନିକଟରେ ଓଉଉ ଟି୨୦ ବିଶ୍ୱକପ ୨୦୨୬ ଜିତି ଇତିହାସ ରଚିଛି । ଷ୍ଟାର ଭାରତୀୟ ଉଇକେଟ୍‌କିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଏହି ଟାଇଟଲ ବିଜୟର ହିରୋ ଭାବରେ ଉଭା ହୋଇଛନ୍ତି, ତାଙ୍କ ଶକ୍ତିଶାଳୀ ପ୍ରଦର୍ଶନ ସହିତ ସମସ୍ତଙ୍କ ହୃଦୟ ଜିତିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ସାମସନଙ୍କ ପ୍ରଶଂସା କରିଛନ୍ତି, ଟି୨୦ ବିଶ୍ୱକପରେ ତାଙ୍କ ମ୍ୟାଚ ବିଜୟୀ ପ୍ରଦର୍ଶନକୁ ପ୍ରଶଂସା କରି ତାଙ୍କୁ ଜଣେ ପ୍ରକୃତ କ୍ରୀଡ଼ାବିତ୍ ? ବୋଲି କହିଛନ୍ତି ।ଶୁକ୍ରବାର (୩ ଏପ୍ରିଲ) କେରଳରେ କର୍ମୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ଚାପ ମଧ୍ୟରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଧ୍ୟାନ ଏବଂ ଶାନ୍ତ ରହିବାରେ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ । ସେ କହିଛନ୍ତି, "କ୍ରିକେଟ ସିଜିନ୍ ଚାଲିଛି, ଏବଂ ଏଥିରୁ କେରଳର ଲୋକଙ୍କ ପାଇଁ ବହୁତ କିଛି ଶିଖିବାର ଅଛି । ଯେପରି ଆମେ ପ୍ରାୟତଃ ସାମସନଙ୍କ ଖେଳରେ ଦେଖୁ, ସେହିପରି ଆମେ ବିଶ୍ୱକପରେ ମଧ୍ୟ ସମାନ ଦେଖିଲୁ ।" ସେ ଆହୁରି କହିଛନ୍ତି , ଟୁର୍ନାମେଂଟ ଆଗକୁ ବଢ଼ିବା ସହିତ ସାମସନଙ୍କ ଖେଳରେ ଉନ୍ନତି ଘଟିଛି । ମୋଦି କହିଛନ୍ତି, "ଯେତେବେଳେ ଟୁର୍ନାମେଂଟ ଏହାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ପାଖକୁ ଆସିଲା ଏବଂ ନକଆଉଟ ମ୍ୟାଚ ଆରମ୍ଭ ହେଲା, ତାଙ୍କ ପ୍ରଦର୍ଶନ ଶୀର୍ଷରେ ପହଂଚିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ତାଙ୍କର ଧ୍ୟାନ, ଆତ୍ମବିଶ୍ୱାସ ଏବଂ ଶକ୍ତି ବୃଦ୍ଧି ପାଇବାରେ ଲାଗିଲା; ଏହା ଜଣେ ପ୍ରକୃତ ଖେଳାଳିଙ୍କ ପରିଚୟ ।"

# ମାଓବାଦୀ ପ୍ରସଙ୍ଗ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ନବରଙ୍ଗପୁର ସାଂସଦ

ନବରଙ୍ଗପୁର (ସୁରେଶ ନାଇଡୁ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ମାଓମୁକ୍ତ ? ଘୋଷଣା କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଶ୍ରୀ ଶାହାଙ୍କୁ ଭେଟିଛନ୍ତି ନବରଙ୍ଗପୁର ସାଂସଦ ଇଂ.ବଳଭଦ୍ର ମାଝୀ । ଯଦିଓ ସେ ଘୋଷଣା କରିଛନ୍ତି ତାହାକୁ କାଗଜକଲମରେ କରିବା ସହ ୱେବ ଏବଂ ବିଭିନ୍ନ ପର୍ଯ୍ୟଟନ ସାଇଟରେ ବି ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି ସାଂସଦ । ଏହା ଫଳରେ ତାଙ୍କ ସଂସଦୀୟ କ୍ଷେତ୍ରରେ ଥିବା ନବରଙ୍ଗପୁର ଓ ?ମାଲକାନଗିରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟକ ଆସିବା ଆରମ୍ଭ ହେବ । ବିଭିନ୍ନ ବିଦେଶୀ ପର୍ଯ୍ୟଟକମାନେ ମାଓ ଅଂଚଳ ଭାବି ଏଠାକୁ ବୁଲିବାକୁ ଆସିବାକୁ ଭୟ ପ୍ରକାଶ କରୁଛନ୍ତି । କେନ୍ଦ୍ର ସରକାର ଏହାକୁ ଅଧିକା ପ୍ରଚାର ଓ ପ୍ରସାର କରିବା ସହ ଖାସ୍ କରି ଏହି ଦୁଇ ଜିଲ୍ଲାସମ୍ପର୍କରେ କରିଲେ ବିଦେଶୀ ପର୍ଯ୍ୟଟକ ଆସିବା ସହ ପର୍ଯ୍ୟଟନ ଶିଳ୍ପର ବି ଅଭିବୃଦ୍ଧି ହେବ ବୋଲି ଆଲୋଚନା କରିଥିଲେ । ଏହା ସହ ତାଙ୍କ ସଂସଦୀୟ କ୍ଷେତ୍ରର ଗମନାଗମନ (ରେଳ, ଏନଏଚଏଆଇ), ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନକୁ ନେଇ ଆଲୋଚନା କରିଥିଲେ । ତେଲ ମଧ୍ୟମ ଜଳସେଚନ ପ୍ରକଳ୍ପ ଓ କୋଲାବ ମିଡିଲ ପ୍ରକଳ୍ପ ପାଇଁ



ଆଲୋଚନା କରିଥିଲେ । ତେଲ ପ୍ରକଳ୍ପ ହେଲେ ଜିଲ୍ଲାର ସୁଖା ଅଂଚଳ ଚନ୍ଦାହାଣ୍ଡି ଓ କୋଲାବ ମିଡିଲ ପ୍ରକଳ୍ପ ହେଲେ ମାଲକାନଗିରୀ ଜିଲ୍ଲାର ଜଳସେଚନର ଉନ୍ନତି ହେବା ସହ ଚାଷରେ ଅଭିବୃଦ୍ଧି ହେବ ବୋଲି କହିଥିବା କହିଛନ୍ତି ସାଂସଦ । ୨୦୧୯ମସିହାରେ ବସ୍ତର ଅଂଚଳକୁ କେନ୍ଦ୍ରମନ୍ତ୍ରୀ ଗସ୍ତରେ ଆସିଥିଲେ । ତେବେ ନବରଙ୍ଗପୁର ସାଂସଦୀୟ କ୍ଷେତ୍ରରେ ଗୃହମନ୍ତ୍ରୀ ଆସିନଥିବାରୁ ପରିଦର୍ଶନରେ ଆସିବା ପାଇଁ ସାଂସଦ ନିମନ୍ତ୍ରଣ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଗସ୍ତରେ ଆସିଲେ ନିଶ୍ଚିତ ରୁପେ ସାଂସଦୀୟ ଅଂଚଳର ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହେବ ବୋଲି ସାଂସଦ କହିଛନ୍ତି । ଅଲୋଚନା ଫଳପ୍ରଦ ହେବା ସହ ଗୃହମନ୍ତ୍ରୀ ସକାରାତ୍ମକ ମନ୍ତବ୍ୟ ଦେବା ସହ ଓଡିଶା ଏବଂ ଖାସ୍ କରି ଆଦିବାସୀ ଅଧୁଷିତ ଅଂଚଳର ବିକାଶକୁ ପ୍ରାଥମିକତା ଲକ୍ଷ୍ୟ ବୋଲି କହିଥିବା କହିଛନ୍ତି ସାଂସଦ । ସାଂସଦ ଓ ଗୃହମନ୍ତ୍ରୀଙ୍କ ଭେଟଘାଟ ଆଗାମୀ ଦିନରେ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ କଣ କଣ ବିକାଶର ଯୋଜନା ଆସିବ ତାହା ସମୟ କହିବ ।

# ଆଇଏନ୍‌ଏସ୍ ଅରିଦମନ: ଭାରତକୁ ମିଳିବ ୩ୟ ପରମାଣୁ ବୁଡ଼ାଜାହାଜ: ରାଜନାଥ ସିଂହ

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଭାରତର ତୃତୀୟ ସ୍ୱଦେଶୀ ଆଣବିକ ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଅରିଦମନ'ର ଲଂଚ ବିଷୟରେ ସୂଚନା ଦେଇଛନ୍ତି । ଏକ୍ସରେ ଏକ ପୋଷ୍ଟରେ ରାଜନାଥ କହିଛନ୍ତି, ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଶକ୍ତିର ପ୍ରତୀକ- ଅରିଦମନ ! ପ୍ରତିରକ୍ଷା ମନ୍ତ୍ରୀ ଆଜି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଷ୍ଟିଲ୍ଥ ଫ୍ରିଗେଟ୍ ତାରାଗିରିକୁ ସେନାରେ କରିବାକୁ ବିଶାଖାପାଟଣା ଗସ୍ତ କରିବା ଅବସରରେ ଏହି ସୂଚନା ଦେଇଛନ୍ତି । ଆଣବିକ ୱାରହେଡ୍-ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବାର କ୍ଷମତା ସହିତ ସଜ୍ଜିତ ଆଇଏନ୍‌ଏସ୍ ଅରିଦମନ ଭାରତର ସମୁଦ୍ରଭିତିକ ଆଣବିକ ପ୍ରତିରୋଧକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।ଆଣବିକ ଶକ୍ତିଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଯୁକ୍ତ ବୁଡ଼ାଜାହାଜ



(ଏସ୍‌ଏସ୍‌ବିଏନ୍) ନିର୍ମାଣ ଓ ପରିଚାଳନା ପାଇଁ ଅରିଦମନ ହେଉଛି ଭାରତର ତୃତୀୟ ଉଚ୍ଚ ବର୍ଗୀକୃତ ପ୍ରକଳ୍ପ । ଏହାର ଆନୁଷ୍ଠାନିକ କମିସନିଂ ଏହାର ପୂର୍ବବର୍ତ୍ତୀ ଆଇଏନ୍‌ଏସ୍ ଅରିହନ୍ତ (୨୦୧୬ରେ କାର୍ଯ୍ୟକ୍ଷମ) ଓ ଆଇଏନ୍‌ଏସ୍ ଆରିଘାତ (ଅଗଷ୍ଟ ୨୦୨୪ରେ କାର୍ଯ୍ୟକ୍ଷମ ହୋଇଥିଲା)ର ପଦାଙ୍କ ଅନୁସରଣ କରିବ । ଆଜି ରାଜନାଥ ସିଂହ ଭାରତୀୟ ନୌସେନାର ପୂର୍ବ କମାଣ୍ଡର ମୁଖ୍ୟାଳୟ ବିଶାଖାପାଟଣା ଗସ୍ତ କରିଛନ୍ତି, ଯେଉଁଠାରେ ସେ ଆଜି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଷ୍ଟିଲ୍ଥ ଫ୍ରିଗେଟ୍ ତାରାଗିରିକୁ ସେନାରେ ସାମିଲ କରିଛନ୍ତି । ବିଶାଖାପାଟଣା ଭାରତର ଆଣବିକ ବୁଡ଼ାଜାହାଜ ପାଇଁ ଉଭୟ ନିର୍ମାଣ କେନ୍ଦ୍ର ଓ ବର୍ତ୍ତମାନର ଘରୋଇ ବନ୍ଦର ଭାବରେ କାର୍ଯ୍ୟ କରେ । ପ୍ରାୟ ୭,୦୦୦ ଟନ୍ ଜଳ ଅପସାରଣ କରୁଥିବା ଅରିଦମନ ଏହାର ପୂର୍ବବର୍ତୀ ତୁଳନାରେ ସାମାନ୍ୟ ବଡ଼ ଏବଂ ଉନ୍ନତ ଷ୍ଟିଲ୍ଥ ବୈଶିଷ୍ଟ୍ୟସମ୍ପନ୍ନ । ଏହି ବୁଡ଼ାଜାହାଜ ଭାବା ପରମାଣୁ ଗବେଷଣା କେନ୍ଦ୍ର (ବିଏଆରସି) ଦ୍ୱାରା ବିକଶିତ ଏକ ଉନ୍ନତ ୮୩ ମେଗାୱାଟ୍ ପ୍ରେସରାଇଜଡ୍ ୱାଟର ରିଆକ୍ଟର (ପିଡବ୍ଲ୍ୟୁଆର) ଦ୍ୱାରା ପରିଚାଳିତ । ଏହାର ପୂର୍ବବର୍ତ୍ତୀ ତୁଳନାରେ ଅରିଦମନରେ ଆଠଟି ଭର୍ଟିକାଲ୍ ଲଂଚ୍ ଟ୍ୟୁବ୍ ରହିଛି, ଯାହା ଆଇଏନ୍‌ଏସ୍ ଅରିହନ୍ତ କ୍ଷମତାର ଦୁଇଗୁଣ । ଆଇଏନ୍‌ଏସ୍ ଅରିଦମନର ପ୍ରବେଶ ଭାରତକୁ ସମୁଦ୍ରରେ ନିରନ୍ତର ପ୍ରତିରୋଧ କ୍ଷମତା ବଜାୟ ରଖିବାକୁ ଅନୁମତି ଦେବ, ଯାହା ନିଶ୍ଚିତ କରିବ ଯେ ଅତି କମ୍‌ରେ ଗୋଟିଏ ଆଣବିକ ସଶସ୍ତ୍ର ବୁଡ଼ାଜାହାଜ ସର୍ବଦା ପାଟ୍ରୋଲିଂରେ ରହିବ ।

# ଇନ୍ଧନ ଯୋଗାଣ ସ୍ଥିତି ନେଇ ସମୀକ୍ଷା ବୈଠକରେ ଯୋଗଦେଲେ ପେଟ୍ରୋଲିୟମ ସଚିବ

ନୂଆଦିଲ୍ଲୀ: କେନ୍ଦ୍ର ପେଟ୍ରୋଲିୟମ୍ ସଚିବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଅତିରିକ୍ତ ମୁଖ୍ୟ ସଚିବ ଏବଂ ପ୍ରମୁଖ ସଚିବ (ଖାଦ୍ୟ ଏବଂ ଯୋଗାଣ)ଙ୍କ ସହିତ ଏକ ବୈଠକରେ ଅଧକ୍ଷତା କରି ସାରା ଦେଶରେ ଇନ୍ଧନ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି । ସେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଅତ୍ୟାବଶ୍ୟକୀୟ ପେଟ୍ରୋଲିୟମ୍ ଇନ୍ଧନ ଯୋଗାଣକୁ ସହଜ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ସେ ମଧ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାରଙ୍କ ସହିତ ମିଶି କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପ୍ରଶଂସା କରିଥିଲେ । ପେଟ୍ରୋଲିୟମ୍ ସଚିବ ଗୁରୁତ୍ୱାରୋପ କରିଥିଲେ ଯେ ଘରୋଇ ଗ୍ରାହକ ଏବଂ ଅତ୍ୟାବଶ୍ୟକୀୟ କ୍ଷେତ୍ରଗୁଡ଼ିକ ନିମନ୍ତେ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ସକ୍ରିୟ ଭାବରେ ଏଲପିଜି ବଂଟନକୁ ପ୍ରାଥମିକତା ଭିତିରେ ପରିଚାଳନା କରିବା ଆବଶ୍ୟକ । ଅନାବଶ୍ୟକ ଆତଙ୍କ ସୃଷ୍ଟିକୁ ରୋକିବା ପାଇଁ ରାଜ୍ୟଗୁଡ଼ିକୁ ମହଜୁଦ, ଚାଲାଣ ଏବଂ ବିଭ୍ରାନ୍ତିକର ସୂଚନା ପ୍ରସାରଣ ବିରୁଦ୍ଧରେ କଠୋର ସତର୍କତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା ।ଅନିୟମିତତାକୁ ରୋକିବା ଲାଗି ଚଢାଉ ସମେତ ସକ୍ରିୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତର ପ୍ରଦେଶ, ଗୁଜରାଟ, ହରିୟାଣା, ଦିଲ୍ଲୀ, ମହାରାଷ୍ଟ୍ର ଏବଂ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟଗୁଡ଼ିକୁ ପ୍ରଶଂସା କରାଯାଇଥିଲା । ଅନ୍ୟ ରାଜ୍ୟଗୁଡ଼ିକୁ ସେମାନଙ୍କର ସତର୍କତା ଏବଂ ପ୍ରବର୍ତ୍ତନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା । ଯୋଗାଣ ସମ୍ପର୍କରେ ବିଭ୍ରାନ୍ତିକର ସୂଚନା ଏବଂ ମିଥ୍ୟା ଗୁଜବ ପ୍ରସାର କରିବାର ପ୍ରୟାସକୁ ସକ୍ରିୟ ଭାବରେ ପ୍ରତିହତ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଥିଲା ।ପ୍ରବାସୀ ଶ୍ରମିକଙ୍କ ପାଇଁ ମୁକ୍ତ ବାଣିଜ୍ୟ ଏଲପିଜି (ଏଫଟିଏଲ୍) ଯୋଗାଣ ସମସ୍ୟା ସମ୍ବନ୍ଧୀୟ ରିପୋର୍ଟ ସମ୍ପର୍କରେ ରାଜ୍ୟଗୁଡ଼ିକ ସ୍ପଷ୍ଟ କରିଥିଲେ ଯେ ଏଲପିଜି ଯୋଗାଣରେ ଏପରି କୌଣସି ପ୍ରତିବନ୍ଧକ ନାହିଁ ଯାହା ପ୍ରବାସୀ ଶ୍ରମିକମାନଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ ଏବଂ ଯୋଗାଣ ସ୍ଥିର ରହିବ । ସଚିବ ପରାମର୍ଶ ଦେଇଥିଲେ ଯେ ରାଜ୍ୟଗୁଡ଼ିକ, ସ୍ଥାନୀୟ ଆବଶ୍ୟକତା ଆଧାରରେ, ତୈଳ ବିପଣନ କମ୍ପାନୀଗୁଡ଼ିକ ସହିତ ସମନ୍ୱୟ ରଖି ୫ କିଲୋଗ୍ରାମ ଏଫଟିଏଲ୍ ଏଲପିଜି ସିଲିଣ୍ଡରର ଲକ୍ଷ୍ୟପୂର୍ଣ୍ଣ ବଂଟନ ପରିଚାଳନା କରିବାକୁ ବିଚାର କରିପାରିବେ । ଯାନବାହାନ ଏଲପିଜି ସମ୍ପର୍କରେ ସ୍ପଷ୍ଟ କରାଯାଇଥିଲା ଯେ ଏହି ଚାହିଦା ପୂରଣ କରିବା ପାଇଁ ପ୍ରୟାସ ଜାରି ରହିଛି । ଏହା ବ୍ୟତୀତ, ଏଲପିଜି ଏବଂ ପେଟ୍ରୋଲ ଉଭୟରେ ଚାଲିପାରୁଥିବା ଅଟୋ-ରିକ୍ସାକୁ ପେଟ୍ରୋଲ ବ୍ୟବହାର କରିବାକୁ ଉତ୍ସାହିତ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ପେଟ୍ରୋଲିୟମ୍ ସଚିବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ସହଯୋଗକୁ ପ୍ରଶଂସା କରିଥିଲେ ଏବଂ ଯୋଗାଣର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ନିରନ୍ତର ସତର୍କତା ବଜାୟ ରଖିବାକୁ ଆହ୍ୱାନ କରିଥିଲେ ।

# 'ଇଣ୍ଡିଆ ସ୍କିଲ୍ସ' ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା'ର ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର, : 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । 'ଟିମ୍ ଓଡ଼ିଶା' ଏହି ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ଟି ପଦକ ହାସଲ କରି ଚାମ୍ପିୟନ ହୋଇଛି । ଗୁରୁବାର ଦିନ ଗ୍ରେଟର ନୋଏଡାର 'ଇଣ୍ଡିଆ ଏକ୍ସପୋ ସେଂଟର'ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା ।'ଇଣ୍ଡିଆ ସ୍କିଲ୍ସ'ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି ।' 'ଇଣ୍ଡିଆ ସ୍କିଲ୍ସ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା' ଶ୍ରେଷ୍ଠ ପ୍ରଦର୍ଶନ କରିଛି । ଏହା ଆମ ରାଜ୍ୟ ପାଇଁ ଗୌରବର ବିଷୟ । ଏହି ସଫଳତା ପଛରେ ଆମ ରାଜ୍ୟର ଦକ୍ଷ ପ୍ରଶିକ୍ଷଣ ପ୍ରଣାଳି, ମେ[ରସିପ୍ ଏବଂ ବିଭିନ୍ନ ଦକ୍ଷତା



ବିକାଶ କେନ୍ଦ୍ରର ଦୃଢ଼ ସହଯୋଗର ପ୍ରତିଫଳନ ଦେଖିବାକୁ ମିଳିଛି । ଏହା ଯୁବପିଢ଼ିଙ୍କ ଦକ୍ଷତାକୁ ଆହୁରି ଶାଣିତ କରିବା ସହ ସେମାନଙ୍କୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି,'' କହିଛନ୍ତି ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । 'ଟିମ୍ ଓଡ଼ିଶା'ର ପ୍ରତିଯୋଗୀମାନେ ଆଜି ଭୁବନେଶ୍ୱରରେ ପହଂଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବିଭାଗୀୟ କମିଶନର ତଥା ସଚିବ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ମଧ୍ୟ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତାରେ ଓଡ଼ିଶାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୧୫ ଜଣ ସ୍ୱର୍ଣ୍ଣ, ୧୨ ଜଣ ରୌପ୍ୟ ଏବଂ ୧୪ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ପାଇଛନ୍ତି । ସେହିପରି ୧୬ ଜଣଙ୍କୁ 'ମେଡାଲିୟନ୍ସ ଫର ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି । ଚଳିତବର୍ଷ ନାସନାଲ ସ୍କିଲ ଡେଭଲପମେଂଟ କାଉନ୍ସିଲ (ଏନଏସଡିସି) ପକ୍ଷରୁ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା ଦେଶର ୫ଟି କେନ୍ଦ୍ରରେ ଆୟୋଜନ କରାଯାଇଥିଲା । ସେଥିରୁ ଓଡ଼ିଶା, ଗୁଜରାଟ, ତାମିଲନାଡୁ ଓ କର୍ଣ୍ଣାଟକର ଅଫସାଇଟ୍ କେନ୍ଦ୍ର ଏବଂ ଗ୍ରେଟର ନୋଏଡାରେ ଗୋଟିଏ ଅନସାଇଟ୍ କେନ୍ଦ୍ରରେ ପ୍ରତିଯୋଗିତାଗୁଡ଼ିକ ଆୟୋଜିତ ହୋଇଥିଲା ।ଦେଶର ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ପ୍ଲାଟଫର୍ମ ହେଉଛି 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା । ଏଥିରେ ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ରାଜ୍ୟର ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଅଭିନବ କୌଶଳ ପ୍ରଦର୍ଶନ କରିଥିଲେ । 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହୋଇଥିଲା । ଏହି ୫ ଦିନିଆ ପ୍ରତିଯୋଗିତାରେ ସାରା ଭାରତର ବିଭିନ୍ନ ଦକ୍ଷତା ପ୍ରତିଷ୍ଠାନରୁ ୬୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜୁରି ସଦସ୍ୟ ଏବଂ ୱାର୍ଲ୍ଡ ସ୍କିଲ୍ସ ବିଶେଷଜ୍ଞମାନେ ବିଭିନ୍ନ କେନ୍ଦ୍ରରେ ଲାଇଭ୍ ପ୍ରଦର୍ଶନ ମାଧ୍ୟମରେ ଅଂଶଗ୍ରହଣକାରୀ ମାନଙ୍କର ମୂଲ୍ୟାଙ୍କନ କରିଥିଲେ ।

# ୨୦୨୭ ରୁ ଆଇପିଏଲ ମ୍ୟାଚ ସଂଖ୍ୟା ବୃଦ୍ଧି ପାଇବ : ବିସିସିଆଇ

ନୂଆଦିଲ୍ଲୀ : ଇଣ୍ଡିଆନ ପ୍ରିମିୟର ଲିଗର ୧୯ତମ ସଂସ୍କରଣ ବର୍ତ୍ତମାନ ଚାଲିଛି; ଛଅଟି ମ୍ୟାଚ ଖେଳାଯାଇସାରିଛି, ଏବଂ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ୭ମ ମ୍ୟାଚ । ଏହି ସିଜିନରେ ଦଶଟି ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେମାନଙ୍କ ମଧ୍ୟରେ ମୋଟ ୭୪ଟି ମ୍ୟାଚ ଖେଳାଯିବାକୁ ସ୍ଥିର ହୋଇଛି । ତଥାପି, ୨୦୨୭ ରୁ ମ୍ୟାଚ ସଂଖ୍ୟା ସମ୍ଭାବ୍ୟ ଭାବରେ ବୃଦ୍ଧି ପାଇପାରେ । ଆଇପିଏଲ ଅଧକ୍ଷ ଅରୁଣ ଧୂମଲ କହିଛନ୍ତି ଯେ ଆଇପିଏଲ ୱିଣ୍ଡୋକୁ ବୃଦ୍ଧି କରିବା ଏକ ସମ୍ଭାବନା ଯାହା ବିଚାର କରାଯାଇପାରେ ।ଯେତେବେଳେ ଆଇପିଏଲ ଆଠଟି ଦଳ ନେଇ ଗଠିତ ହୋଇଥିଲା, ପ୍ରତ୍ୟେକ ଦଳ ପ୍ରତ୍ୟେକ ଅନ୍ୟ ଦଳ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିବା ପାଇଁ ବ୍ୟବହାର କରୁଥିଲା । ୨୦୨୨ ରେ ଲକ୍ଷ୍ନୌ ସୁପର ଜାଏଂଟ୍ସ ଏବଂ ଗୁଜରାଟ ଟାଇଟାନ୍ସର ପ୍ରବେଶ



ସହିତ – ମୋଟ ଦଳ ସଂଖ୍ୟା ଦଶକୁ ପହଂଚାଇବା – ଲିଗ ପର୍ଯ୍ୟାୟ ସମୟରେ ପ୍ରତ୍ୟେକ ଦଳ ପାଇଁ ପ୍ରତ୍ୟେକ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିବା ଆଉ ସମ୍ଭବ ନୁହେଁ । ଅରୁଣ ଧୂମଲ ବିଶ୍ୱାସ କରନ୍ତି ଯେ, ବିଜି କ୍ରିକେଟ କ୍ୟାଲେଣ୍ଡରକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ମ୍ୟାଚ ସଂଖ୍ୟା ୭୪ ରୁ ୯୪ କୁ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ସେ 'ଡବଲ-ହେଡର' (ଗୋଟିଏ ଦିନରେ ଦୁଇଟି ମ୍ୟାଚ ଖେଳାଯିବା) ର ଫ୍ରିକ୍ୱେନ୍ସି ବୃଦ୍ଧିକୁ ଏକ ବ୍ୟବହାରିକ ସମାଧାନ ବୋଲି ମଧ୍ୟ ବିଚାର କରନ୍ତି ନାହିଁ । ତଥାପି, ସେ ସ୍ୱୀକାର କରିଛନ୍ତି ଯେ ଭବିଷ୍ୟତରେ ଓଚଖ ୱିଣ୍ଡୋକୁ ବିସ୍ତାର କରାଯାଇପାରିବ । ସେ ଏହି ସମ୍ଭାବ୍ୟ ପଦକ୍ଷେପ ପଛରେ ମୁଖ୍ୟ କାରଣ ଭାବରେ କିଛି ଦ୍ୱିପାକ୍ଷିକ ସିରିଜ ପ୍ରତି ଜନଆଗ୍ରହ ହ୍ରାସ ପାଇବାକୁ ଉଲ୍ଲେଖ କରିଥିଲେ ।ଦି ଫାଇନାନ୍ସିଆଲ ଟାଇମ୍ସ ସହିତ ଏକ ସାକ୍ଷାତକାରରେ, ଅରୁଣ ଧୂମଲ ଲକ୍ଷ୍ୟ କରିଥିଲେ ଯେ, କିଛି ସମୟ ଧରି, ଦ୍ୱିପାକ୍ଷିକ କ୍ରିକେଟ ସିରିଜ ପ୍ରତି ଜନଆଗ୍ରହରେ ଏକ ଉଲ୍ଲେଖନୀୟ ହ୍ରାସ ଘଟିଛି । ଏହି ଧାରା ହିଁ ପ୍ରମୁଖ କ୍ରିକେଟ ଦେଶଗୁଡ଼ିକ – ଯେପରିକି ଇଂଲଣ୍ଡ, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା – ସେମାନଙ୍କର ନିଜସ୍ୱ ଘରୋଇ ଟ୍୨୦ ଲିଗ ଆରମ୍ଭ କରିଛନ୍ତି । ତାଙ୍କ ଅନୁସାରେ, ଯଦି ଏହି ଧାରା ଜାରି ରହେ, ତେବେ ପ୍ରତ୍ୟେକ ଦେଶ କେବଳ ସେହି ଦ୍ୱିପାକ୍ଷିକ ସିରିଜ ଉପରେ ଧ୍ୟାନ କେନ୍ଦ୍ରିତ କରିବେ ଯାହା ସେମାନଙ୍କୁ ଏକ ବାସ୍ତବ ଆର୍ଥିକ ଲାଭ ପ୍ରଦାନ କରେ । ଏହି ସ୍ଥିତିରେ ହିଁ ଓଚଖ ୱିଣ୍ଡୋକୁ ବିସ୍ତାର କରାଯାଇପାରିବ । ଆଇପିଏଲ ଅଧକ୍ଷ ଆଶାବ୍ୟକ୍ତ କରିଥିଲେ ଯେ ଅନ୍ୟ କ୍ରିକେଟ ଦେଶମାନଙ୍କ ସହିତ ଗଠନମୂଳକ ଆଲୋଚନା ହେବ, ଯାହା ଫଳରେ ୨୦୨୭ ରୁ ୭୪ ରୁ ଅଧିକ ମ୍ୟାଚ ପାଇଁ ଏକ ବଡ଼ ସମୟସୀମା ବଂଟନ କରାଯିବ ।


Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି